# ୧୯

# ରାଜ୍ୟ ସରକାର

ତୁମେ ପଢ଼ିଛ ଯେ, ଭାରତ ଗୋଟିଏ ସଂଘୀୟ ରାଷ୍ଟ୍ର ଯାହାର ଦୁଇ ସ୍ତରୀୟ ସରକାର ରହିଛି ଯଥା ରାଜ୍ୟସ୍ତରରେ ଓ କେନ୍ଦ୍ର ସ୍ତରରେ। ପ୍ରତ୍ୟେକ ନାଗରିକର ଉଭୟ ସ୍ତରରେ କାର୍ଯ୍ୟକରୁଥିବା ସରକାର ସହିତ ସମ୍ପର୍କ ଅଛି ଓ ସେ ତାହାଦ୍ୱାରା ମଧ୍ୟ ପ୍ରଭାବିତ ହୁଅନ୍ତି। ଆମେ ସମସ୍ତେ ରାଜ୍ୟ ଓ କେନ୍ଦ୍ର ଆଇନ ପ୍ରଣୟନକାରୀ ସଂସ୍ଥା ଦ୍ୱାରା ପ୍ରସ୍ତୁତ ଆଇନ ଦ୍ୱାରା ନିୟନ୍ତ୍ରିତ ହେଉ, ଉଭୟ ସରକାର ଦ୍ୱାରା ଶାସିତ ହେଉ ଓ ଉଭୟ ସ୍ତରର ନ୍ୟାୟାଳୟରୁ ନ୍ୟାୟ ପାଉ। ସରକାରର ସମସ୍ତ ତିନୋଟି ବିଭାଗ କାର୍ଯ୍ୟନିର୍ବାହୀ, ଆଇନପ୍ରଣୟନକାରୀ ଓ ନ୍ୟାୟପାଳିକା ଉଭୟ ସ୍ତରରେ ରହିଛି ଓ କାର୍ଯ୍ୟକରୁଛି। ପ୍ରଶାନିକ ବ୍ୟବସ୍ଥାକୁ ସଂପୂର୍ଣ୍ଣ ରୂପେ ଜାଣିବା ପାଇଁ ଏହି ଅଧ୍ୟାୟରେ ରାଜ୍ୟ ସରକାରର ବିଭିନ୍ନ ସଂସ୍ଥା ଓ ତାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଛି।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟି ସଂପୂର୍ଣ୍ଣ ପାଠକରି ସାରିଲା ପରେ ତୁମେ

- ରାଜ୍ୟପାଳଙ୍କ ନିଯୁକ୍ତି ପ୍ରଣାଳି, କ୍ଷମତା ଓ ରାଜ୍ୟ ପ୍ରଶାସନରେ ତାଙ୍କର ସ୍ଥିତି ସମ୍ପର୍କରେ ବର୍ଣ୍ଣନା କରିପାରିବ।
- ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଓ ରାଜ୍ୟ ସରକାରର ମୁଖ୍ୟ ଭାବରେ ମୁଖ୍ୟମନ୍ତ୍ରୀଙ୍କର କ୍ଷମତା ଓ ଭୂମିକାକୁ ସ୍ଥିର କରିପାରିବ।
- ରାଜ୍ୟମନ୍ତ୍ରୀ ପରିଷଦର ଗଠନ ଓ କ୍ଷମତାକୁ ବର୍ଣ୍ଣନା କରିପାରିବ।
- ରାଜ୍ୟ ବ୍ୟବସ୍ଥାପକ ସଭାର ଗଠନ, କ୍ଷମତା ଓ କାର୍ଯ୍ୟକୁ ବିଶ୍ଳେଷଣ କରିପାରିବ।
- ଉଚ୍ଚନ୍ୟାୟାଳୟର ଗଠନ ଓ କ୍ଷେତ୍ରାଧିକାର ଏବଂ ଅଧସ୍ତନ ନ୍ୟାୟାଳୟ ଗୁଡ଼ିକର କାର୍ଯ୍ୟ ଜାଣିପାରିବ।
- ରାଜ୍ୟ ସ୍ତରରେ ସରକାରର ଆବଶ୍ୟକତାକୁ ବର୍ଣ୍ଣନା କରିପାରିବ ଓ ନାଗରିକ ଏବଂ ସେମାନଙ୍କର ଦୈନନ୍ଦିନ ଜୀବନରେ ଏହାର ପ୍ରଭାବ କ'ଣ ତାହା ବିଶ୍ଳେଷଣ କରିପାରିବ।

## ୧୯.୧ ରାଜ୍ୟପାଳ

"ସାମ୍ବିଧାନିକ ବୈଶିଷ୍ଟ୍ୟ ଓ ଭାରତୀୟ ରାଜନୈତିକ ବ୍ୟବସ୍ଥା" ଅଧ୍ୟାୟରେ ତୁମେ ପଢ଼ିଛଯେ, ଭାରତରେ ଗୋଟିଏ ସଂସଦୀୟ ଗଣତାନ୍ତ୍ରିକ ସରକାର ରହିଛି। ଅନ୍ୟ କୌଣସି ସ୍ଥାନର ସଂସଦୀୟ ପଦ୍ଧତି ଭଳି ଏଠାରେ ମଧ୍ୟ ଉଭୟ ରାଜ୍ୟ ଓ କେନ୍ଦ୍ର ସ୍ତରରେ ଅନୁଷ୍ଠାନ ଓ ବ୍ୟବସ୍ଥା ମାନ ରହିଛି।

ରାଜ୍ୟ ସ୍ତରରେ ଜଣେ ରାଜ୍ୟପାଳ ଅଛନ୍ତି ଯାହାଙ୍କ ହାତରେ ସମସ୍ତ କାର୍ଯ୍ୟନିର୍ବାହୀ କ୍ଷମତା ସମ୍ବିଧାନ ଦ୍ୱାରା ପ୍ରଦତ୍ତ ହୋଇଛି। କିନ୍ତୁ ପ୍ରକୃତରେ ରାଜ୍ୟପାଳ ଜଣେ ନାମମାତ୍ର ମୁଖ୍ୟଭଳି କାର୍ଯ୍ୟ କରନ୍ତି ଏବା ପ୍ରକୃତ ପ୍ରଶାସନିକ କ୍ଷମତା ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱାଧୀନ ମନ୍ତ୍ରୀ ପରିଷଦ ହାତରେ ନ୍ୟସ୍ତ।




ଚିତ୍ର ୧୯.୧ ଅହମଦାବାଦ ରାଜଭବନ

## ୧୯.୧.୧ ନିଯୁକ୍ତି

ରାଜ୍ୟର ରାଜ୍ୟପାଳ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ପାଆନ୍ତି । ରାଜ୍ୟପାଳ ହେବା ପାଇଁ ଜଣେ ବ୍ୟକ୍ତିର ନିମ୍ନଲିଖିତ ଯୋଗ୍ୟତା ରହିବା ଆବଶ୍ୟକ।

(କ) ସେ ଭାରତର ନାଗରିକ ହୋଇଥିବେ।

(ଖ) ତାଙ୍କ ବୟସ ଅନ୍ୟୁନ ୩୫ ବର୍ଷ ହୋଇଥିବ।

(ଗ) ତାଙ୍କ କାର୍ଯ୍ୟକାଳ ମଧ୍ୟରେ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଅଧିନସ୍ଥ କୌଣସି ଲାଭଜନକ ପଦ ଗ୍ରହଣ କରି ନଥିବେ।

ଯଦି ଜଣେ ବ୍ୟକ୍ତି ସଂସଦର ଉଭୟ ଗୃହ କିମ୍ବା ରାଜ୍ୟ ବ୍ୟବସ୍ଥାପକ ସଭାର ସଦସ୍ୟ କିମ୍ବା କେନ୍ଦ୍ର ବା ରାଜ୍ୟ ସ୍ତରରେ ମନ୍ତ୍ରୀ ପରିଷଦର ଜଣେ ସଦସ୍ୟ ହୋଇଥିବେ, ରାଜ୍ୟପାଳ ପଦରେ ନିଯୁକ୍ତି ପାଇଲାପରେ ସେହି ପଦରୁ ଇସ୍ତଫାଦେବାକୁ ପଡ଼ିବ । ରଜ୍ୟପାଳ ୫ ବର୍ଷ ପାଇଁ ନିଯୁକ୍ତି ପାଆନ୍ତି କିନ୍ତୁ ସାଧାରଣତଃ ରାଷ୍ଟ୍ରପତିଙ୍କ ବିଶ୍ୱାସ ଭାଜନ ହେଲା ପର୍ଯ୍ୟନ୍ତ ଏହି ପଦରେ ରହନ୍ତି। ଏହାର ଅର୍ଥ ରାଜ୍ୟପାଳ ତାଙ୍କର କାର୍ଯ୍ୟକାଳ ସମାପ୍ତି ପୂର୍ବରୁ ପଦଚ୍ୟୁତ ହୋଇ ପାରନ୍ତି। ସେ ମଧ୍ୟ କାର୍ଯ୍ୟକାଳ ପୁରିବା ପୂର୍ବରୁ ଇସ୍ତଫା ଦେଇ ପାରନ୍ତି। ପ୍ରକୃତପକ୍ଷେ ଯେତେବେଳେ ରାଜ୍ୟପାଳଙ୍କୁ ନିଯୁକ୍ତି ବା ପଦଚ୍ୟୁତ କରାଯାଏ, ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କର ପରାମର୍ଶ ଅନୁସାରେ ଏହା କରନ୍ତି।

### କାର୍ଯ୍ୟ ୧୯.୧

ପ୍ରତ୍ୟେକ ରାଜ୍ୟରେ ଜଣେ ରାଜ୍ୟପାଳ ଥାଆନ୍ତି କିନ୍ତୁ ଦୁଇ ବା ତତୋଧିକ ରାଜ୍ୟରେ ମଧ୍ୟ ଜଣେ ରାଜ୍ୟପାଳ ଥାଇପାରନ୍ତି। ସମୟ ସମୟରେ ଯଦି ଜଣେ ରାଜ୍ୟପାଳ ଇସ୍ତଫା ଦିଅନ୍ତି, ତେବେ

ପଡ଼ୋଶୀ ରାଜ୍ୟର ରାଜ୍ୟପାଳ ଏହି ରାଜ୍ୟର ଶାସନ ତଦାରଖ କରନ୍ତି। ଏବେ ମଧ ଏଭଳି କେତେକ ରାଜ୍ୟ ରହିଛି। ତୁମର ଶିକ୍ଷକ ଓ ବନ୍ଧୁ ମାନଙ୍କୁ ପଚାରି କିମ୍ବା ସମ୍ବାଦ ପତ୍ର ଓ ଇଣ୍ଟରନେଟ୍ ଦେଖି ଏଭଳି ଏକ ରାଜ୍ୟ ବାହର କର, ଯେଉଁଠାରେ ଜଣେ ରାଜ୍ୟପାଳ ଏକାଧିକ ରାଜ୍ୟର ଦାୟିତ୍ୱରେ ଅଛନ୍ତି।

## ୧୯.୧.୨ ରାଜ୍ୟପାଳଙ୍କ କ୍ଷମତା

ପ୍ରତେକ ପଦବୀ ସହିତ କିଛି କ୍ଷମତା ସଂଯୋଜିତ ହୋଇଛି। ରାଜ୍ୟର ମୁଖ୍ୟ ଭାବରେ ନିଜର କାର୍ଯ୍ୟ ଦକ୍ଷତାର ସହ ସମ୍ପାଦନ କରିବାପାଇଁ ରାଜ୍ୟପାଳଙ୍କୁ ସମ୍ବିଧାନ ଦ୍ୱାରା କେତେକ କ୍ଷମତା ପ୍ରଦାନ କରାଯାଇଛି।

ରାଜ୍ୟପାଳଙ୍କ କ୍ଷମତାକୁ ନିମ୍ନଶୀର୍ଷକ ଅନୁଯାୟୀ ଆଲୋଚନା କରି ପାରିବା।

(୧) କାର୍ଯ୍ୟନିର୍ବାହୀ କ୍ଷମତା (୨) ଆଇନ ପ୍ରଣୟନ କ୍ଷମତା (୩) ଅର୍ଥିକ କ୍ଷମତା (୪) ନ୍ୟାୟିକ କ୍ଷମତା (୫) ଇଚ୍ଛାଧିନ କ୍ଷମତା ।

### (କ) କାର୍ଯ୍ୟନିର୍ବାହୀ କ୍ଷମତା

ଭାରତୀୟ ସଂବିଧାନରେ ରାଜ୍ୟର ସମସ୍ତ କାର୍ଯ୍ୟନିର୍ବାହୀ କ୍ଷମତା ରାଜ୍ୟପାଳଙ୍କ ଉପରେ ନ୍ୟସ୍ତ ହୋଇଛି। ସେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପରିଚାଳିତ ମନ୍ତ୍ରୀପରିଷଦର ସାହାଯ୍ୟ ଓ ପରାମର୍ଶରେ ଏହି କାର୍ଯ୍ୟ ସଂପାଦନ କରିଥାନ୍ତି। ସେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତି କରିଥାନ୍ତି । ସେ ମଧ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦିଅନ୍ତି। ଯଥା - ରାଜ୍ୟ ଲୋକସେବା ଆୟୋଗର ସଭାପତି ଓ ସଦସ୍ୟ, ରାଜ୍ୟ ନିର୍ବାଚନ ଆୟୋଗର ସଭାପତି ଓ ସଦସ୍ୟ, ରାଜ୍ୟ ବିତ୍ତୀୟ ଆୟୋଗର ସଭାପତି ଓ ସଦସ୍ୟ, ରାଜ୍ୟ ମହାଧୀବକ୍ତା (**Advocate General**), ଉଚ୍ଚନ୍ୟାୟାଳୟ ବ୍ୟତୀତ ରାଜ୍ୟର ଅନ୍ୟନ୍ୟାୟାଳୟର ବିଚାରପତି। ରାଜ୍ୟର ଉଚ୍ଚନ୍ୟାୟାଳୟର ବିଚାର ପତି ନିଯୁକ୍ତି ସମୟରେ ରାଷ୍ଟ୍ରପତି ରାଜ୍ୟପାଳଙ୍କ ସହ ପରାମର୍ଶ କରନ୍ତି। କିନ୍ତୁ ପ୍ରକୃତ କ୍ଷେତ୍ରରେ ରାଜ୍ୟପାଳଙ୍କ କ୍ଷମତା କେବଳ ନିୟମାନୁଗତ। ରାଜ୍ୟ ବଧାନସଭାରେ ସଂଖ୍ୟା ଗରିଷ୍ଟ ଦଳର ନେତାଙ୍କୁ ସେ ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତି ଦିଅନ୍ତି । ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ ମନ୍ତ୍ରୀ ପରିଷଦର ଅନ୍ୟ ସଦସ୍ୟ ମାନଙ୍କୁ ନିଯୁକ୍ତି ଦିଅନ୍ତି। ଅନ୍ୟ ସମସ୍ତ ନିଯୁକ୍ତି ଓ କାର୍ଯ୍ୟ ନିର୍ବାହୀ କ୍ଷମତା ଗୁଡ଼ିକ ସେ ମନ୍ତ୍ରୀ ପରିଷଦ ପରାମର୍ଶରେ ସମ୍ପାଦନ କରିଥାନ୍ତି।

### (ଖ) ଆଇନ ପ୍ରଣୟନ କ୍ଷମତା

ରାଜ୍ୟପାଳ ହେଉଛନ୍ତି ରାଜ୍ୟ ବ୍ୟବସ୍ଥାପକ ସଭାର ଅବିଚ୍ଛେଦ୍ୟ ଅଂଗ ଏବଂ ସେଥିପାଇଁ ତାଙ୍କର ଅନେକ ଗୁଡ଼ିଏ ଆଇନ ପ୍ରଣୟନକାରୀ କ୍ଷମତା ରହିଛି । ସେ ରାଜ୍ୟ ବିଧାନସଭା ଅଧିବେଶନ ଗୁଡ଼ିକ ଡ଼କାନ୍ତି ଓ ମୁଲତବୀ କରନ୍ତି ଏବଂ ରାଜ୍ୟ ବିଧାନ ସଭାକୁ ଭଙ୍ଗ କରି ପାରନ୍ତି। ସେ ରାଜ୍ୟ ବିଧାନସଭାକୁ କିମ୍ବା ରାଜ୍ୟ ବ୍ୟବସ୍ଥାପକ ସଭାର ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧନ କରନ୍ତି। ସେ ଭାରତୀୟ ଇଂରେଜ ଅଧିବାସୀ ସମ୍ପ୍ରଦାୟ (**Anglo Indian**)ର ଗୋଟିଏ ବ୍ୟକ୍ତିକୁ ବିଧାନସଭାର ସଦସ୍ୟ ରୂପେ ମନୋନୀତ କରିପାରନ୍ତି। ଯଦି ସେହି ସମ୍ପ୍ରଦାୟର କେହି ନିର୍ବାଚିତ ହୋଇନଥାନ୍ତି । ସେ ବିଧାନ ପରିଷଦକୁ ଏକ ଷଷ୍ଠାଂଶ ସଦସ୍ୟଙ୍କୁ ମନୋନୀତ କରନ୍ତି ଯଦି ରାଜ୍ୟରେ ବ୍ୟବସ୍ଥାପକ ସଭା ଦୁଇଟି ଗୃହ ବିଶିଷ୍ଟ ହୋଇଥାଏ । ପ୍ରକୃତ କ୍ଷେତ୍ରରେ ରାଜ୍ୟପାଳ ଏ ସମସ୍ତ କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱାଧିନ ରାଜ୍ୟ ମନ୍ତ୍ରୀ ପରିଷଦର ସୁପାରିଶ ଅନୁସାରେ କରିଥାନ୍ତି। ବିଧାନ ସଭାରେ ପାରିତ ହୋଇଥିବା ଗୋଟିଏ ବିଲ୍/ଚିଠା ପ୍ରସ୍ତାବକୁ ରାଜ୍ୟପାଳ ମଞ୍ଜୁରୀ ଦେଲେ , ଏହା ଆଇନରେ ପରିଣତ ହୋଇଥାଏ।

## (ଗ) ଆର୍ଥିକ କ୍ଷମତା

ତୁମେ ସମ୍ବାଦ ପତ୍ରରେ ପଢ଼ିଥିବଯେ, ପ୍ରତିବର୍ଷ ସରକାରଙ୍କ ଦ୍ୱାରା ବାର୍ଷିକ ବିତ୍ତୀୟ ବିବୃତି **(Budget)** ବିଧାନ ସଭାରେ ମଞ୍ଜୁର ପାଇଁ ଉପସ୍ଥାପିତ କରାଯାଏ । ପ୍ରକୃତ ପକ୍ଷେ ରାଜ୍ୟର ବାର୍ଷିକ ବିତ୍ତୀୟ ବିବୃତ୍ତି **(Budget)** ରାଜ୍ୟ ପାଳଙ୍କ ତରଫରୁ ରାଜ୍ୟର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ବିଧାନସଭାରେ ଉପସ୍ଥାପିତ ହୁଏ ।ରାଜ୍ୟପାଳଙ୍କ ସ୍ୱୀକୃତି ବିନା କୌଣସି ଅର୍ଥବିଲ ରାଜ୍ୟ ବିଧାନସଭାରେ ଆଗତ କରାଯାଇ ପାରିବ ନାହିଁ । ରାଜ୍ୟର ସାମ୍ଭାବ୍ୟ ପାଣ୍ଠି **(Contigency Fund)** ଉପରେ ମଧ୍ୟ ରାଜ୍ୟପାଳଙ୍କର ନିୟନ୍ତ୍ରଣ ଥାଏ ।

## (ଘ) ଇଚ୍ଛାଧିନ କ୍ଷମତା

ଆମେ ଆଗରୁ ଦେଖିଛୁ ଯେ, ରାଜ୍ୟ ମନ୍ତ୍ରୀ ପରିଷଦର ଉପଦେଶ ଅନୁଯାୟୀ ରାଜ୍ୟପାଳ କାର୍ଯ୍ୟ କରନ୍ତି । ଏହାର ଅର୍ଥ ହେଉଛି, ପ୍ରକୃତ ପକ୍ଷେ ରାଜ୍ୟପଳଙ୍କର କ୍ଷମତା ସୀମିତ । କିନ୍ତୁ ସମ୍ବିଧାନ ଅନୁସାରେ କୌଣସି ସ୍ୱତନ୍ତ୍ର ପରିସ୍ଥିତିରେ ସେ ମଧ୍ୟ ମନ୍ତ୍ରୀପରିଷଦର ବିନା ଉପଦେଶରେ କାର୍ଯ୍ୟ କରିଥାନ୍ତି । ଏହି ପରି ନିଜ ଇଚ୍ଛା ଅନୁସାରେ ବ୍ୟବହାର କରୁଥିବା କ୍ଷମତାକୁ ରାଜ୍ୟପାଳଙ୍କର ଇଚ୍ଛାଧିନ କ୍ଷମତା କୁହାଯାଏ । ପ୍ରଥମତଃ ଯଦି କୌଣସି ଗୋଟିଏ ରାଜନୈତିକ ଦଳ କିମ୍ବା ମିଳିତ ଦଳ ଗୁଡ଼ିକ ବିଧାନସଭାରେ ସମ୍ପୂର୍ଣ୍ଣ ସଂଖ୍ୟା ଗରିଷ୍ଠ ନହୁଅନ୍ତି, ସେ ନିଜର ଇଚ୍ଛାଧିନ କ୍ଷମତା ବ୍ୟବହାର କରି ଜଣକୁ ମୁଖ୍ୟମନ୍ତ୍ରୀ ହେବାପାଇଁ ଆମନ୍ତ୍ରଣ କରନ୍ତି । ଦ୍ୱିତୀୟତଃ ରାଜ୍ୟପାଳ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରନ୍ତି । ରାଜ୍ୟ ବ୍ୟବସ୍ଥାପକ ସଭାରେ ପାରିତ ହୋଇଥିବା ଯେକୌଣସି ବିଲ୍ କୁ ରାଷ୍ଟ୍ରପତିଙ୍କର ଅନୁ ମୋଦନ ପାଇଁ ସ୍ଥଗିତ ରଖିପାରନ୍ତି । ତୃତୀୟତଃ ଯଦିସେ ଭାବନ୍ତି ଯେ, ରାଜ୍ୟସରକାର ସମ୍ବିଧାନ ଅନୁସାରେ କାର୍ଯ୍ୟ କରୁନାହାଁନ୍ତି, ସେ ରାଷ୍ଟ୍ରପତିଙ୍କୁ ସେହି ମର୍ମରେ ନିଜର ମତାମତ ପଠାନ୍ତି । ଏହି କ୍ଷେତ୍ରରେ **(Article 356)**ଧାରା ଅନୁସାରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରାଯାଏ । ରାଜ୍ୟ ମନ୍ତ୍ରୀ ପରିଷଦକୁ ପଦଚ୍ୟୁତ କରାଯାଏ ଏବଂ ରାଜ୍ୟ ବିଧାନସଭାକୁ ଭାଙ୍ଗି ଦିଆଯାଏ,କିମ୍ବା ନିଲମ୍ବିତ କରାଯାଏ । ଏହି ଜରୁରୀକାଳୀନ ଅବସ୍ଥା ସମୟରେ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ତରଫରୁ ରାଜ୍ୟ ଶାସନ କରନ୍ତି ।

## ୧୯.୧.୩ ରାଜ୍ୟପାଳ ଓ ମନ୍ତ୍ରୀପରିଷଦ ମଧ୍ୟରେ ସମ୍ପର୍କ

ଆମେ ପୂର୍ବରୁ ଦେଖିଛୁଯେ, ରାଜ୍ୟ କାର୍ଯନିର୍ବାହୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ପରିଷଦକୁ ନେଇ ଗଠିତ । ସାଧାରଣତଃ ରାଜ୍ୟପାଳ ତାଙ୍କର ସମସ୍ତ କ୍ଷମତା ମନ୍ତ୍ରୀପରିଷଦର ପରାମର୍ଶରେ କାର୍ଯ୍ୟକାରୀ କରନ୍ତି । ଆମେ ଜାଣୁଯେ, ଯେତେବେଳେ ମୁଖମନ୍ତ୍ରୀ ସପଥ ଗ୍ରହଣ କରନ୍ତି, ରାଜ୍ୟପାଳ ନିୟମାନୁଗତ ଭାବରେ ତାଙ୍କର ଦାୟିତ୍ୱ ସମାପନ କରିଥାନ୍ତି । ସେ ବିଧାନସଭାର ସଂଖ୍ୟା ଗରିଷ୍ଠ ଦଳର ନେତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାକୁ ଆମନ୍ତ୍ରଣ କରିଥାନ୍ତି । ମନ୍ତ୍ରୀପରଷଦର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ସୁପାରିଶ ଅନୁସାରେ ରାଜ୍ୟପାଳଙ୍କ ଦ୍ୱାରା ନିଯୁକ୍ତି ପାଆନ୍ତି । ବିଧାନସଭାର ସଂଖ୍ୟାଗରିଷ୍ଠ କହିଲେ ଗୋଟିଏ ଦଳ କିମ୍ବା ଅନେକ ଗୁଡ଼ିଏ ଦଳ କିମ୍ବା ନିର୍ଦ୍ଦଳୀୟ ସଭ୍ୟଙ୍କୁ ନେଇ ଗଠିତ ହୋଇପାରେ । ଯେତେବେଳେ ବିଧାନସଭାରେ ନେତା ବାଛିବା ପାଇଁ ସମ୍ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ମିଳେନାହିଁ, ସେତେବେଳେ ରାଜ୍ୟପାଳ ତାଙ୍କର ଇଚ୍ଛାଧୀନ କ୍ଷମତା ବ୍ୟବହାର କରନ୍ତି । ସେହିପରି ଯଦିଓ ସାଧାରଣ ନିୟମ ଅନୁସାରେ ମନ୍ତ୍ରୀ ମାନଙ୍କ କାର୍ଯ୍ୟରେ ରାଜ୍ୟପାଳ ସନ୍ତୁଷ୍ଟ ଥିବା ପର୍ଯ୍ୟନ୍ତ ସେମାନେ ପଦବୀରେ ରହନ୍ତି, କିନ୍ତୁ ପ୍ରକୃତ କାର୍ଯ୍ୟ କ୍ଷେତ୍ରରେ ମୁଖ୍ୟ ମନ୍ତ୍ରୀ ଓ ତାଙ୍କର ମନ୍ତ୍ରୀପରିଷଦ ଯେ ପର୍ଯ୍ୟନ୍ତ ବିଧାନସଭାରେ ସଂଖ୍ୟା ଗରିଷ୍ଠ ସଦସ୍ୟଙ୍କ ସମର୍ଥନ ଲାଭ କରୁଥିବେ, ସେ ପର୍ଯ୍ୟନ୍ତ ନିଜ ପଦରେ ରହନ୍ତି । ଯେତେବେଳେ ରାଷ୍ଟ୍ରପତି ଶାସନ ଜାରୀ କରାଯାଏ, ସେତେବେଳେ ରାଜ୍ୟପାଳ ସେମାନଙ୍କୁ ବହିଷ୍କାର କରିପାରିବେ ।

ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ପରିଷଦର ସମସ୍ତ ସିଦ୍ଧାନ୍ତ ରାଜ୍ୟପାଳଙ୍କୁ ଜଣାଇଥାନ୍ତି । ସେ ମଧ୍ୟ ରାଜ୍ୟଶାସନ ସମ୍ପର୍କୀୟ ସୂଚନା ମାଗିପାରନ୍ତି। ଯଦି ଜଣେ ମନ୍ତ୍ରୀ ଏକାକୀ କୌଣସି ସିଦ୍ଧାନ୍ତ ନେଇଥାନ୍ତି, ତେବେ ସେହି ବିଷୟକୁ ମନ୍ତ୍ରୀପରିଷଦର ବିଚାର ପାଇଁ ଉପସ୍ଥାପିତ କରିବାକୁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଦେଇପାରନ୍ତି। ଏହା ସତ୍ୟଯେ, ରାଜ୍ୟପାଳ ଜଣେ ନାମ ମାତ୍ର ମୁଖ୍ୟ ଏବଂ ପ୍ରକୃତ କ୍ଷମତା ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱାଧିନ ମନ୍ତ୍ରୀପରିଷଦ ଦ୍ୱାରା କାର୍ଯ୍ୟକାରୀ ହୋଇଥାଏ। ଏହା କୁହାଯାଇ ପାରିବ ନାହିଁ ଯେ, ରାଜ୍ୟପାଳ କେବଳ ସାମ୍ବିଧାନିକ କିମ୍ବା ଅଳଙ୍କାରିକ ମୁଖ୍ୟ। କାରଣ ସେ ତାଙ୍କର କ୍ଷମତା ଦକ୍ଷତାର ସହିତ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ କାର୍ଯ୍ୟକରୀ କରିପାରିବେ। ଯେତେବେଳେ ରାଜ୍ୟରେ ରାଜନୈତିକ ଅସ୍ଥିରତା ଦେଖାଯାଏ, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସଂଯୋଗ ରକ୍ଷା କରୁଥିବାରୁ ସେ ବିଶେଷ ପ୍ରଭାବଶାଳୀ ହୋଇଥାନ୍ତି ଯଦି କେନ୍ଦ୍ରସରକାର ରାଜ୍ୟସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥାନ୍ତି। ନିଜର ଇଚ୍ଛାଧିନ କ୍ଷମତା ବଳରେ ରାଜ୍ୟପାଳ କେତେକ ପରିସ୍ଥିତିରେ ପ୍ରକୃତ କାର୍ଯ୍ୟନିର୍ବାହୀ/ପ୍ରଶାସକ ଭଳି କାର୍ଯ୍ୟ କରନ୍ତି ।

## ୧୯.୧ ପାଠଗତ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ପ୍ରତ୍ୟେକ ବାକ୍ୟରେ ଦିଆଯାଇଥିବା ଚାରିଗୋଟି ମଧ୍ୟରୁ ଗୋଟିଏ ଠିକ୍ । ଠିକ୍ ଉତ୍ତର ପାଖରେ (ଠିକ୍) ଚିହ୍ନ ଦିଅ ।

(i) ରାଜ୍ୟପାଳ (କ) ନିର୍ବାଚିତ (ଖ) ନିଯୁକ୍ତ (ଗ) ମନୋନୀତ (ଘ) ବଛାହୋଇଥାନ୍ତି ।

(ii) ରାଜ୍ୟପାଳ ରୂପେ ନିଯୁକ୍ତି ପାଇଁ ଜଣେ ବ୍ୟକ୍ତିର ବୟସ (କ) ୧୮ ବର୍ଷ (ଖ) ୨୩ବର୍ଷ (ଗ) ୩୦ବର୍ଷ (ଘ) ୩୫ବର୍ଷ ହୋଇଥିବ ।

(iii) ରାଜ୍ୟପାଳଙ୍କ ପାର୍ଯ୍ୟକାଳ (କ) ୨ବର୍ଷ (ଖ) ୫ବର୍ଷ (ଗ)୬ ବର୍ଷ (ଘ)ସାରା ଜୀବନ ଅଟେ।

୨. ତଳେ କେତେଗୋଟି ବାକ୍ୟ ଦିଆଯାଇଛି। କେଉଁଟି ଠିକ ଓ କେଉଁଟି ଭୁଲ ?

(କ) ରାଜ୍ୟପାଳ ଯେକୌଣସି ଲୋକକୁ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ପରିଷଦର ସଦସ୍ୟ ଭାବେ ନିଯୁକ୍ତି ଦେଇପାରିବେ। ଠିକ୍/ଭୁଲ୍

(ଖ) ରାଜ୍ୟ ମନ୍ତ୍ରୀପରିଷଦର ଉପଦେଶ ଅନୁସାରେ ରାଜ୍ୟପାଳ ରାଜ୍ୟ ଲୋକସେବା ଆୟୋଗର ସଭାପତିଙ୍କୁ ନିଯୁକ୍ତି ଦିଅନ୍ତି । ଠିକ୍/ଭୁଲ୍

(ଗ) ରଜ୍ୟପାଳ ରାଜ୍ୟ ବ୍ୟବସ୍ଥାପକ ସଭାର ଅବିଚ୍ଛେଦ୍ୟ ଅଙ୍ଗ। ଠିକ୍ / ଭୁଲ

(ଘ) ଗୋଟିଏ ବିଲ ରାଜ୍ୟ ବିଧାନସଭାରେ ପାରିତ ହୋଇ ସାରିଲାପରେ ରାଜ୍ୟପାଳଙ୍କର ସ୍ୱୀକୃତି ଦେବାର ଆବଶ୍ୟକତା ନାହିଁ। ଠିକ୍ / ଭୁଲ

(ଙ) ରାଜ୍ୟପାଳଙ୍କ ସୁପାରିଶ ବିନା କୌଣସି ଅର୍ଥବିଲ ବିଧାନସଭାରେ ଆଗତ ହୋଇ ପାରିବ ନାହିଁ। ଠିକ୍/ଭୁଲ

୩. ଗୋଟିଏ ରାଜ୍ୟର ଲୋକାୟୁତ ମୁଖ୍ୟମନ୍ତ୍ରୀ ଓ କେତେକ ମନ୍ତ୍ରୀଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଆଣିଲେ ଓ ମୁଖ୍ୟମନ୍ତ୍ରୀଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ମଧ୍ୟ ଦାବୀ ହେଲା। ଏହି ପରିସ୍ଥିତିରେ ରାଜ୍ୟପାଳ, ରାଷ୍ଟ୍ରପତିଙ୍କ ନିଜର ମତ ଜଣାଇଲେଯେ, ରାଜ୍ୟ ସରକାର ସମ୍ବିଧାନ ଅନୁସାରେ କାର୍ଯ୍ୟ କରୁନାହିଁ ଓ ରାଷ୍ଟ୍ରପତି ଶାସନ ଜାରୀ କରିବା ପାଇଁ ସୁପାରିଶ କଲେ। ରାଜ୍ୟପାଳ ତାଙ୍କର କେଉଁ କ୍ଷମତା ବ୍ୟବହାର କଲେ ? ତୁମେ କାହିଁକି ଭାବୁଛ ରାଜ୍ୟପାଳଙ୍କୁ ଏହି କ୍ଷମତା ଦିଆଯାଇଛି ?

## ୧୯.୨ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ପରିଷଦ

### ୧୯.୨.୧. ନିଯୁକ୍ତି :

ଆମେ ପୂର୍ବରୁ ଜାଣୁଛୁଯେ, ମୁଖମନ୍ତ୍ରୀ ଓ ତାଙ୍କ ନେତୃତ୍ୱାଧିନ ମନ୍ତ୍ରୀ ପରିଷଦ ରାଜ୍ୟର ପ୍ରକୃତ କାର୍ଯ୍ୟ ନିର୍ବାହକ। ତୁମେ ମଧ୍ୟ ଜାଣିଛ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀପରିଷଦର ଅନ୍ୟାନ୍ୟ ମନ୍ତ୍ରୀମାନେ କିପରି ରାଜ୍ୟପାଳଙ୍କ ଦ୍ୱାରା ନିଯୁକ୍ତି ପାଆନ୍ତି। ତାଙ୍କର କାର୍ଯ୍ୟକାଳ ୫ବର୍ଷ। କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ସେମାନେ ବିଧାନସଭାର ସଂଖ୍ୟାଗରିଷ୍ଠ ସମର୍ଥନ ଲାଭ କରନ୍ତି, ସେ ପର୍ଯ୍ୟନ୍ତ ପଦବୀରେ ରହନ୍ତି। ଯଦି ଜଣେ ବ୍ୟକ୍ତି ଯେକି ମୁଖ୍ୟମନ୍ତ୍ରୀ କିମ୍ବା ଜଣେ ମନ୍ତ୍ରୀ ଭାବରେ ନିଯୁକ୍ତି ପାଇଥାନ୍ତି ଏବଂ ସେ ବିଧାନସଭାର ସଦସ୍ୟ ନୁହଁନ୍ତି, ତାଙ୍କୁ ନିଯୁକ୍ତି ପାଇବାର ୬ମାସ ମଧ୍ୟରେ ବ୍ୟବସ୍ଥାପକ ସଭାର ଯେକୌଣସି ଗୋଟିଏ ସଦନର ସଭ୍ୟ ହେବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀଙ୍କର ପରାମର୍ଶରେ ରାଜ୍ୟପାଳ ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରଥାନ୍ତି ।

### ୧୯.୨.୨ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ପରିଷଦର କାର୍ଯ୍ୟ

ତୁମେ ମଧ୍ୟ ଜାଣିଥିବଯେ, ଯେତେବେଳେ ରାଜ୍ୟରେ କିଛି ଘଟଣା ଘଟେ, ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରାଯାଏ। ଯଦି ଭଲ କଥା ଘଟେ, ତାଙ୍କୁ ପ୍ରଶଂସା କରାଯାଏ ଓ ଯଦି ଖରାପ କଥା ଘଟେ, ତେବେ ସେ ସମାଲୋଚିତ ହୁଅନ୍ତି।ଏପରି କାହିଁକି ହୁଏ ? ପ୍ରକୃତରେ ମୁଖ୍ୟମନ୍ତ୍ରୀ ରାଜ୍ୟସରକାରର ମୁଖ୍ୟ ଅଟନ୍ତି। ତେଣୁ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ସେ –

- ମନ୍ତ୍ରୀପରିଷଦର ନିଯୁକ୍ତି ଓ ବିଭାଗ ବଣ୍ଟନରେ ରାଜ୍ୟପାଳଙ୍କୁ ପରାମର୍ଶ ଦିଅନ୍ତି।
- ରାଜ୍ୟ ମନ୍ତ୍ରୀପରିଷଦ ସଭାରେ ସଭାପତିତ୍ୱ କରନ୍ତି ଏବଂ ବିଭିନ୍ନ ମନ୍ତ୍ରୀଙ୍କର କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରନ୍ତି।
- ରଜ୍ୟର ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ମାର୍ଗଦର୍ଶନ କରନ୍ତି ଓ ମନ୍ତ୍ରୀମାନଙ୍କ ଦ୍ୱାରା ବିଧାନସଭାରେ ଆଗତ କରାଯାଉଥିବା ବିଲ୍ ଗୁଡ଼ିକୁ ଅନୁମୋଦନ କରନ୍ତି।
- ମନ୍ତ୍ରୀପରିଷଦ ଓ ରାଜ୍ୟପାଳଙ୍କ ମଧ୍ୟରେ ମୁଖ୍ୟ ସଂଯୋଗ। ରାଜ୍ୟ ଶାସନ ସମ୍ପର୍କିତ ରାଜ୍ୟମନ୍ତ୍ରୀ ପରିଷଦର ସିଦ୍ଧାନ୍ତ ଓ ଆଇନ ପ୍ରଣୟନ ପାଇଁ ସମସ୍ତ ପ୍ରସ୍ତାବ ମୁଖମନ୍ତ୍ରୀ ରାଜ୍ୟପାଳଙ୍କ ନିକଟକୁ ପଠାଇଥାନ୍ତି।
- ଯଦି ରାଜ୍ୟପାଳ ଇଚ୍ଛା କରନ୍ତି, ତେବେ ଜଣେ ମନ୍ତ୍ରୀଙ୍କ ଦ୍ୱାରା ନିଆଯାଇଥିବା ସିଦ୍ଧାନ୍ତକୁ ମନ୍ତ୍ରୀପରିଷଦର ବିଚାର ପାଇଁ ଉପସ୍ଥାପିତ କରନ୍ତି।

### ୧୯.୨.୩ ମୁଖ୍ୟମନ୍ତ୍ରୀଙ୍କର ସ୍ଥିତି

ମୁଖ୍ୟମନ୍ତ୍ରୀ ରାଜ୍ୟର ପ୍ରକୃତ କାର୍ଯ୍ୟନିର୍ବାହୀ ମୁଖ୍ୟ। ସେ ରାଜ୍ୟର ନୀତିନିର୍ଦ୍ଧାରଣ କରନ୍ତି ଓ ରାଜ୍ୟ ମନ୍ତ୍ରୀ ପରିଷଦର ସଦସ୍ୟ ମାନଙ୍କୁ ତାହା କାର୍ଯ୍ୟକାରୀ କରିବା ପାଇଁ ମାର୍ଗ ପ୍ରଦର୍ଶନ କରନ୍ତି। ମୁଖ୍ୟତଃ ଯେତେବେଳେ ଗୋଟିଏ ରାଜନୈତିକ ଦଳର ବିଧାନସଭାରେ ସମ୍ପୁର୍ଣ୍ଣ ସଂଖ୍ୟାଗରିଷ୍ଠତା ରହିଥାଏ, ସେତେବେଳେ ସେ ସବୁଠାରୁ କ୍ଷମତାଶାଳୀ ଅଟନ୍ତି। ଯେତେବେଳେ ସେ ଗୋଟିଏ ମିଳିତ ମନ୍ତ୍ରୀମଣ୍ଡଳର ମୁଖ୍ୟ ହୋଇଥାନ୍ତି, ତାଙ୍କର କ୍ଷମତା ମିଳିତ ମିଳିତ ସହଯୋଗୀ ଦଳର

ପ୍ରଭାବଦ୍ୱାରା ସଂକୁଚିତ ହୋଇଯାଏ। ଯଦି ବିଧାନସଭାରେ ତାଙ୍କର ସଂଖ୍ୟାଗରିଷ୍ଠତା ନ୍ୟୁନ ଥାଏ, ତେବେ ସେ ଅଳ୍ପ କେତେକ ନିର୍ଦ୍ଦଳୀୟ (ସ୍ୱାଧୀନ) ସଦସ୍ୟଙ୍କ ଦ୍ୱାରା ଚାପଗ୍ରସ୍ତ ହୋଇଥାନ୍ତି।

## ୧୯.୨ କାର୍ଯ୍ୟ

ଯେତେବେଳେ କୌଣସି ଗୋଟିଏ ରାଜନୈତିକ ଦଳ ବିଧାନସଭା ନିର୍ବାଚନରେ ସମ୍ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରେନାହିଁ, ସେତେବେଳେ ଏକାଧିକ ରାଜନୈତିକ ଦଳ ଏପରିକି ନିର୍ଦ୍ଦଳୀୟ (ସ୍ୱାଧୀନ) ସଦସ୍ୟମାନେ(**MLA**) ବିଧାନସଭାରେ ସଂଖ୍ୟାଗରିଷ୍ଠତା ହାସଲ ପାଇଁ ଏକତ୍ର ହୁଅନ୍ତି। ଏହି ସରକାରକୁ ମିଳିତ ସରକାର କୁହାଯାଏ। କେତେକ ସମୟରେ ରାଜନୈତିକ ଦଳମାନେ ନିର୍ବାଚନ ପୂର୍ବରୁ ପରସ୍ପର ସହବନ୍ଧିତ ହୋଇଥାନ୍ତି ଓ ଏକତ୍ର ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥାନ୍ତି। ଯଦି ସେମାନେ ସଂଖ୍ୟାଗରିଷ୍ଠ ଦଳଭାବେ ନିର୍ବାଚନରେ ବିଜୟୀ ହୁଅନ୍ତି। ସେମାନଙ୍କ ଦ୍ୱାରା ଗଠିତ ସରକାରକୁ ମଧ୍ୟ ମିଳିତ ସରକାର କୁହାଯାଏ।

*ଉପରେ ବୁଝାଯାଇଥିବା ବିଷୟ ଅନୁସାରେ ତୁମକୁ ନିମ୍ନରେ ଦିଆଯାଇଥିବା କାର୍ଯ୍ୟ କରିବାକୁ ହେବ ।*

(୧) ଦୁଇଟି ରାଜ୍ୟର ନାମଲେଖ ଯେଉଁ ଠାରେ ବର୍ତ୍ତମାନ ମିଳିତ ସରକାର ଚାଲିଛି।

ଏହି ମିଳିତ ସରକାର ଭାଗିଦାର ଥିବା ମୁଖ୍ୟ ରାଜନୈତିକ ଦଳଗୁଡ଼ିକର ନାମଲେଖ।

୨. ଯେଉଁ ରାଜ୍ୟଗୁଡ଼ିକରେ ରାଜନୈତିକ ଦଳ ମଧ୍ୟରେ ସହବନ୍ଧନ ନିର୍ବାଚନ ପୂର୍ବରୁ ହୋଇଥିଲା ଏବଂ ସେମାନେ ଏକତ୍ର ନିର୍ବାଚନରେ ଲଢ଼ିଲେ ଏବଂ ସଂଖ୍ୟାଗରିଷ୍ଠତା ସହ ବିଜୟ ଲାଭ କଲେ। ଏହି ରାଜ୍ୟଗୁଡ଼ିକୁ ଚିହ୍ନଟ କର।

## ୧୯.୨. ପାଠଗତ ପ୍ରଶ୍ନାବଳୀ

**୧. ନିମ୍ନୋକ୍ତ କେଉଁ ବାକ୍ୟ ଗୁଡ଼ିକ ଠିକ୍ ଓ କେଉଁ ଗୁଡ଼ିକ ଭୁଲ ଚିହ୍ନଟକର ।**

(କ) ରାଜ୍ୟପାଳ ମନ୍ତ୍ରୀପରିଷଦର ସଭାରେ ସଭାପତିତ୍ୱ କରନ୍ତି । ଠିକ୍ /ଭୁଲ

(ଖ) ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ରାଜ୍ୟ ମନ୍ତ୍ରୀମଣ୍ଡଳ ମଧ୍ୟରେ ମୁଖ୍ୟ ସଂଯୋଗ । ଠିକ୍ /ଭୁଲ

(ଗ) ସମସ୍ତ ବିଷୟ ମନ୍ତ୍ରୀପରିଷଦର ବିଚାର ପାଇଁ ପଠାଇବାକୁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଅନ୍ତି । ଠିକ୍/ଭୁଲ

(ଘ) ରାଜ୍ୟପାଳ, ରାଜ୍ୟ ସରକାରର ପ୍ରକୃତ ମୁଖ୍ୟ ଅଟନ୍ତି। ଠିକ୍/ଭୁଲ୍

(ଙ) ଜଣେ ମନ୍ତ୍ରୀଙ୍କ ଦ୍ୱାରା କୌଣସି ବିଷୟରେ ନିଆଯାଇଥିବା ସିଦ୍ଧାନ୍ତକୁ ମନ୍ତ୍ରୀପରିଷଦର ବିଚାରପାଇଁ ପଠାଇବାକୁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇପାରିବେ । ଠିକ୍/ଭୁଲ

**୨. ନିମ୍ନଲିଖିତ ପରିସ୍ଥିତିକୁ ବିଚାରକର-**

(କ) "ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ କେତେକ ଅତି ସାଂଘାତିକ ଦୁର୍ନୀତି ଅଭିଯୋଗ ଅଣାଗଲା । ଗଣମାଧ୍ୟମ (**Media**) ଏହି ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ଶକ୍ତିଶାଳୀ ପ୍ରମାଣ ମଧ୍ୟ ପ୍ରକାଶ କଲା । ଏହାକୁ ଦୃଷ୍ଟିରେ ରଖି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଯୁକ୍ତିଯୁକ୍ତ ଉତ୍ତର ଦିଅ ।

(ଖ) ରାଜ୍ୟପାଳ ରାଷ୍ଟ୍ରପତିଙ୍କ ପାଖକୁ ତାଙ୍କର ମତାମତ ପଠାଇ ରାଷ୍ଟ୍ରପତି ଶାସନ ଜାରୀ କରବାକୁ ସୁପାରିଶ କରିବା ଉଚିତ କି ?

(ଗ) ଦୁର୍ନୀତି ପରାୟଣ ନିର୍ବାଚିତ ପ୍ରତିନିଧିଙ୍କୁ ଫେରାଇ ନେବାର ଅଧିକାର ଲୋକମାନଙ୍କୁ ଦେବାପାଇଁ ସମ୍ବିଧାନ ସଂଶୋଧନ କରିବା ଉଚିତ କି ?

(ଘ) ଗଣତନ୍ତ୍ରର ସ୍ୱାର୍ଥରକ୍ଷା ପାଇଁସରକାରକୁ ରଖିବା ଉଚିତ ହେବକି ? କାରଣ ଏହି ସରକାରର ଗଣତାନ୍ତ୍ରିକ ପଦ୍ଧତିରେ ଗତ ନିର୍ବାଚନରେ ନିର୍ବାଚିତ ହୋଇ ୫ବର୍ଷ ପାଇଁ ରାଜ୍ୟଶାସନ କରିବାକୁ ଅଧିକାର ପ୍ରାପ୍ତ ହୋଇଛି ।

## ୧୯.୩ ରାଜ୍ୟ ବିଧାନ ସଭା

ପ୍ରତ୍ୟେକ ରାଜ୍ୟରେ ଗୋଟିଏ ବ୍ୟବସ୍ଥାପକ ସଭା ରହିଛି । ତୁମେ ନିମ୍ନରେ କର୍ଣ୍ଣାଟକର ବ୍ୟବସ୍ଥାପକ ସଭାଦେଖୁଛ । ମର୍ତ୍ତମାନ ଦେଖିବା କିପରି ରାଜ୍ୟ ବ୍ୟବସ୍ଥାପକ ସଭା ଗଠିତ ହୋଇଛି । କେତେକ ରାଜ୍ୟରେ ଏହି ବ୍ୟବସ୍ଥାପକସଭା ଦୁଇଗୃହ ବିଶିଷ୍ଟ । ଅଧିକାଂଶ ରାଜ୍ୟରେ ଏକ ଗୃହ ବିଶିଷ୍ଟ । ରାଜ୍ୟପାଳ ରାଜ୍ୟ ବ୍ୟବସ୍ଥାପକ ସଭାର ଅବିଚ୍ଛେଦ୍ୟ ଅଙ୍ଗ । ଏକ ଗୃହ ବିଶିଷ୍ଟ ବ୍ୟବସ୍ଥାପକ ସଭା ରାଜ୍ୟରେ ବିଧାନସଭା ଓ ଦୁଇ ଗୃହଥିବା ରାଜ୍ୟରେ ବିଧାନସଭା ଯାହାକି ନିମ୍ନଗୃହ ଓ ବିଧାନ ପରିଷଦ ଉଚ୍ଚତର ଗୃହ ରହିଛି । ବର୍ତ୍ତମାନ କେବଳ ବିହାର, ଜାମ୍ମୁକାଶ୍ମୀର, କର୍ଣ୍ଣାଟକ, ମହାରାଷ୍ଟ୍ର ଓ ଉତ୍ତର ପ୍ରଦେଶରେ ଦ୍ୱିଗୃହ ବିଶିଷ୍ଟ ବ୍ୟବସ୍ଥାପକ ସଭା ରହିଛି ଏବଂ ଅବଶିଷ୍ଟ ୨୩ଟି ରାଜ୍ୟରେ ଏକ ଗୃହ ବିଶିଷ୍ଟ ବ୍ୟବସ୍ଥାପକ ସଭା ରହିଛି ।



ଚିତ୍ର -୧୯.୨ ବିଧାନସୌଧ'ବେଙ୍ଗାଲୁର'

### ୧୯.୩.୨ ବିଧାନସଭାର ଗଠନ

ବିଧାନସଭା ହେଉଛି ପ୍ରକୃତ ବ୍ୟବସ୍ଥାପକ ସଭା । ଏପରିକି ଦୁଇ ଗୃହ ବିଶିଷ୍ଟ ବ୍ୟବସ୍ଥାପକ ସଭା ଥିବା ରାଜ୍ୟରେ ମଧ୍ୟ ବିଧାନସଭା ପ୍ରକୃତ ବ୍ୟବସ୍ଥାପକ ସଭା । ଭାରତର ସମ୍ବିଧାନ ଅନୁସାରେ ରାଜ୍ୟବିଧାନସଭାରେ ସଭ୍ୟସଂଖ୍ୟା ୫୦୦ରୁ ଅଧିକ ହେବନାହିଁ କି ୬୦ରୁ କମ୍ ହେବନାହିଁ । ଯାହାହେଉ ଅତି ଛୋଟରାଜ୍ୟ ଗୋଆ, ସିକିମ୍ ଓ ମିଜୋରାମର ବିଧାନସଭା ଗୁଡ଼ିକରେ ୬୦ରୁ କମ୍ ସଦସ୍ୟ ରହିବା ପାଇଁ ଅନୁମତି ଦିଆଯାଇଛି । ବିଧାନସଭାରେ କେତେକ ସ୍ଥାନ ଅନୁସୂଚୀତ





ଜାତି ଓ ଜନଜାତିଙ୍କ ପାଇଁ ସଂରକ୍ଷିତ ରଖାଯାଇଛି । ଯଦି ରାଜ୍ୟପାଳ ଅନୁଭବ କରନ୍ତି ଯେ, ଭାରତୀୟ ଇଂରେଜ ଅଧିବାସୀ (Anglo Indian) ସମ୍ପ୍ରଦାୟକୁ ଉପଯୁକ୍ତ ପ୍ରତିନିଧିତ୍ୱ ମିଳିନାହିଁ, ତେବେ ସେ ସେହି ସମ୍ପ୍ରଦାୟର ଜଣେ ବ୍ୟକ୍ତିଙ୍କୁ ରାଜ୍ୟ ବିଧାନ ସଭାକୁ ମନୋନୀତ କରିପାରନ୍ତି ।ରାଜ୍ୟ ବିଧାନସଭା ଗୋଟିଏ ନିର୍ବାଚିତ ସଂସ୍ଥା । ଏହାର ସଭ୍ୟମାନେ (MLA) ଲୋକମାନଙ୍କ ଦ୍ୱାର ସାର୍ବଜନୀନ ସାବାଳକ ମତାଧିକାର ଉପରେ ଆଧାରିତ ନିୟମ ଦ୍ୱାରା ନିର୍ବାଚିତ ହୁଅନ୍ତି । ବିଧାନସଭାର ସଦସ୍ୟ (MLA) ଭାବରେ ନିର୍ବାଚିତ ହେବାପାଇଁ ସମ୍ବିଧାନରେ କେତେକ ନିୟମ ଉଲ୍ଲିଖିତ ହୋଇଛି ।ବିଧାନସଭାର ସଦସ୍ୟ ହେବାପାଇଁ ଜଣେ ବ୍ୟକ୍ତି :

- ଭରତର ନାଗରିକ ହୋଇଥିବେ ।
- ଅନ୍ୟୁନ ୨୫ ବର୍ଷ ବୟସର ହୋଇଥିବେ ।
- ତାଙ୍କର ନାମ ଭୋଟର ତାଲିକାରେ ଥିବ ।
- କୌଣସି ଲାଭଜନକ ପଦବୀ ଗ୍ରହଣ କରିନଥିବେ ।
- ସରକାରୀ କର୍ମଚାରୀ ହୋଇନଥିବେ ।

**? ତୁମେ ଜାଣ କି**

**ସାର୍ବଜନୀନ ସାବାଳକ ମତାଧିକାର କ'ଣ ?**

ଜାତି, ଧର୍ମ, ବର୍ଣ୍ଣ, ଜନ୍ମସ୍ଥାନ ଓ ଲିଙ୍ଗ ନିର୍ବିଶେଷରେ ପ୍ରତ୍ୟେକ ସାବାଳକ ପୁରୁଷ/ସ୍ତ୍ରୀ ଯାହାର ବୟସ ୧୮ ବର୍ଷ ବା ତାଠାରୁ ଅଧିକ, ସେ ଭୋଟଦେବାର ଅଧିକାର ଓ ନିର୍ବାଚନରେ ଅଂଶଗ୍ରହଣ କରିବାର ଅଧିକାର ପ୍ରାପ୍ତହୁଅନ୍ତି ।

ବିଧାନସଭାର କାର୍ଯ୍ୟକାଳ ୫ବର୍ଷ କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଅନୁସାରେ ରାଜ୍ୟପାଳ ବିଧାନସଭାକୁ ଆଗରୁ ଭାଙ୍ଗିଦେଇ ପାରନ୍ତି । ସେହିପରି ରାଷ୍ଟ୍ରପତି ଶାସନ ଜାରୀ କରାଗଲେ, ରାଜ୍ୟପାଳଙ୍କ ଦ୍ୱାରା ବିଧାନସଭାକୁ ନିଲମ୍ବିତ କରାଯାଇପାରେ ବା ଭାଙ୍ଗିଦିଆଯାଇପରେ । ଜାତୀୟ ଜରୁରୀକାଳୀନ ଅବସ୍ଥା ସମୟରେ ସଂସଦ ରାଜ୍ୟବିଧାନସଭାର କାର୍ଯ୍ୟକାଳକୁ ବୃଦ୍ଧିକରି ପାରନ୍ତି କିନ୍ତୁ ତାହା ଏକାଦିକ୍ରମେ ଏକବର୍ଷରୁ ଅଧିକ ହେବନାହିଁ ।

## ୧୯.୩.୨ ବିଧାନ ପରିଷଦର ଗଠନ

ରାଜ୍ୟ ବ୍ୟବସ୍ଥାପକ ସଭାର ଉଚ୍ଚତର ଗୃହ ବିଧାନ ପରିଷଦରେ ରାଜ୍ୟ ବିଧାନସଭାର ମୋଟ ସଭ୍ୟ ସଂଖ୍ୟାର ଏକ ତୃତୀୟାଂଶରୁ ଅଧିକ ସଦସ୍ୟ ରହିପାରିବେ ନାହିଁ କିନ୍ତୁ କୌଣସି ସ୍ଥଳେ ଏହି ସଂଖ୍ୟା ୪୦ରୁ କମ୍ ହେବନାହିଁ । ଜମ୍ମୁକାଶ୍ମୀର ବିଧାନପରିଷଦରେ ୩୬ ଜଣ ସଦସ୍ୟ ଅଛନ୍ତି, ଏହାଏକ ବ୍ୟତିକ୍ରମ । ବିଧାନପରିଷଦର କେତେକ ସଦସ୍ୟ ପରୋକ୍ଷ ପଦ୍ଧତିରେ ନିର୍ବାଚିତ ହୁଅନ୍ତି ଓ କେତେକ ମନୋନୀତ ହୁଅନ୍ତି ।

**ବିଧାନ ପରିଷଦ ନିମ୍ନ ପ୍ରକାରରେ ଗଠିତ-**

- ଏକ ତୃତୀୟାଂଶ ସଦସ୍ୟ ସ୍ଥାନୀୟ ସ୍ୱାୟତ୍ତ ଶାସନ ପ୍ରତିଷ୍ଠାନ (ପୌରପାଳିକା, ଜିଲ୍ଲାପରିଷଦ ଓ ରାଜ୍ୟରେ ଥିବା ଅନ୍ୟାନ୍ୟ) ଦ୍ୱାରା ନିର୍ବାଚିତ ହୁଅନ୍ତି ।
- ଏକ ତୃତୀୟାଂଶ ସଦସ୍ୟ ରାଜ୍ୟ ବିଧାନସଭା ସଦସ୍ୟଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ।

- ଏକ ଦ୍ୱାଦଶାଂଶ ସଦସ୍ୟ ରାଜ୍ୟର ବିଶ୍ୱବିଦ୍ୟାଳୟର ତିନି ବର୍ଷରୁ କମ୍ ସ୍ଥାୟିତ୍ୱ ନଥିବା ଉପାଧିପ୍ରାପ୍ତ ସ୍ନାତକଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ।
- ଏକ ଦ୍ୱାଦଶାଂଶ ସଦସ୍ୟ ଅତିକମ୍‌ରେ ତିନିବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବା ଏବଂ ମାଧ୍ୟମିକ ସ୍ତରରୁ ନିମ୍ନହୋଇନଥିବା ରାଜ୍ୟରେ ଥିବା ଶିକ୍ଷାନୁଷ୍ଠାନର ଶିକ୍ଷକମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ।
- ଅବଶିଷ୍ଟ ଏକ ଷଷ୍ଠାଂଶ ସଭ୍ୟ ରାଜ୍ୟର ରାଜ୍ୟପାଳଙ୍କ ଦ୍ୱାରା ମନୋନିତ ହୁଅନ୍ତି ।

ବିଧାନ ପରିଷଦ ଗୋଟିଏ ସ୍ଥାୟୀ ସଭା । ଏଣୁ ଏହାଭାଙ୍ଗେ ନାହିଁ । ଏହାର ସଦସ୍ୟମାନେ ୬ବର୍ଷ ପାଇଁ ନିର୍ବାଚିତ /ମନୋନୀତ ହୁଅନ୍ତି । ଏହାର ଏକ ତୃତୀୟାଂଶ ସଭ୍ୟ ପ୍ରତି ୨ବର୍ଷ ପରେ ଅବସର ନିଅନ୍ତି । ଅବସର ନେଉଥିବା ସଦସ୍ୟମାନେ ମଧ୍ୟ ପୁନଃ ନିର୍ବାଚିତ ହୋଇପାରିବେ । ବିଧାନ ପରିଷଦର ସଦସ୍ୟ ହେବାପାଇଁ ଯୋଗ୍ୟତା ବିଧାନସଭା ସଦସ୍ୟର ଯୋଗ୍ୟତା ସହ ସମାନ । କିନ୍ତୁ ସର୍ବନିମ୍ନ ବୟସ କ୍ଷେତ୍ରରେ ବିଧାନସଭାର ୨୫ବର୍ଷ କିନ୍ତୁ ବିଧାନ ପରିଷଦର ୩୦ବର୍ଷ ।

ରାଜ୍ୟ ବ୍ୟବସ୍ଥାପକ ସଭାର ଅଧିବେଶନ ବର୍ଷକୁ ଅତି କମ୍‌ରେ ଦୁଇଥର ବସେ ଓ ଦୁଇଟି ଅଧିବେଶନ ମଧ୍ୟରେ ପାର୍ଥକ୍ୟ ୬ମାସରୁ ଅଧିକ ହେବନାହିଁ । ବିଧାନସଭା ଓ ବିଧାନ ପରିଷଦ ନିଜ ନିଜର ପୀଠାସୀନ ଅଧିକାରୀ (ବାଚସ୍ପତି ଓ ଉପବାଚସ୍ପତୀ, ଅଧକ୍ଷ ଓ ଉପାଧକ୍ଷ) ଅଛନ୍ତି । ଉଭୟ ଗୃହର କାର୍ଯ୍ୟ ନିଜ ନିଜର ପୀଠାସୀନ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହୁଏ । ସେ ମଧ୍ୟ ଗୃହର ଶୃଙ୍ଖଳା ରକ୍ଷାକରନ୍ତି ।

## ୧୯.୩.୩ ରାଜ୍ୟ ବ୍ୟବସ୍ଥାପକ ସଭାର କାର୍ଯ୍ୟ

*ରାଜ୍ୟ ବ୍ୟବସ୍ଥପକ ସଭା ନିମ୍ନୋକ୍ତ ଶ୍ରେଣୀର କାର୍ଯ୍ୟ ସମ୍ପାଦନ କରନ୍ତି -*

(କ) **ଆଇନ ପ୍ରଣୟନ କାର୍ଯ୍ୟ:** ବ୍ୟବସ୍ଥାପକ ସଭାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି, ଆଇନ ପ୍ରଣୟନ କରିବା । ପ୍ରତ୍ୟେକ ଆଇନ ଏହାଦ୍ୱାରା ପାରିତ ହୋଇଥାଏ । ଯେଉଁଠାରେ ଦୁଇଟି ଗୃହ ବିଶିଷ୍ଟ ସଭାଥାଏ, ଏକ ସାଧାରଣ ବିଲ ଯେ କୌଣସି ଗୃହରେ ଆଗତ ହୋଇପାରେ । ବିଧାନସଭା ଦ୍ୱାରା ପାରିତ ହୋଇଥିବା ବିଲ ବିଧାନ ପରିଷଦକୁ ପଠାଯାଏ । ବିଧାନ ପରିଷଦ ଏହାକୁ ପାରିତ କରିପାରେ କିମ୍ବା ସେଥିରେ କିଛି ପରାମର୍ଶ ଦେଇ ବିଧାନସଭାକୁ ଫେରାଇ ଦେଇପାରେ । ଯଦି ବିଧାନସଭା ବିଧାନ ପରିଷଦର ପରାମର୍ଶକୁ ଗ୍ରହଣ କରି ବା ନ କରି ପୁନର୍ବାର ଏହି ବିଲ୍‌କୁ ପାରିତ କରେ, ତେବେ ଏହା ଉଭୟ ଗୃହରେ ପାରିତ ହେଲାବୋଲି ଧରାଯାଏ । କିନ୍ତୁ ଗୋଟିଏ ଆର୍ଥିକବିଲ କେବଳ ବିଧାନସଭାରେ ହିଁ ଆଗତ ହୋଇପାରିବ । ବିଧାନସଭାରେ ପାରିତ ହୋଇ ସାରିଲା ପରେ ଏହାକୁ ବିଧାନପରିଷଦକୁ ପଠାଯାଏ । ବିଧାନପରିଷଦ ଏହାକୁ ପାରିତ କରେ କିମ୍ବା କିଛି ପରାମର୍ଶଦେଇ ବିଲ୍ ପଠାଇ ବାର ୧୪ଦିନ ଭିତରେ ବିଧାନସଭାକୁ ଫେରାଇ ଦେଇ ପାରେ । ବିଧାନସଭା ବିଧାନପରିଷଦ ପରାମର୍ଶକୁ ଗ୍ରହଣ ନକଲେମଧ୍ୟ ବିଲ୍‌ଟି ଉଭୟ ଗୃହରେ ପରିତ ହେଲାବୋଲି ଧାରାଯାଏ । ଥରେ ବିଲ୍‌ଟି ବ୍ୟବସ୍ଥାପକ ସଭା ଦ୍ୱାରା ପାରିତ ହେଲାପରେ ଏହା ରାଜ୍ୟପାଳଙ୍କ ମଞ୍ଜୁରୀ ପାଇଁ ପଠାଯାଏ । ସେ ଆର୍ଥିକ ବିଲ୍‌ର ମଞ୍ଜୁରୀକୁ ମନାକରି ପାରିବେ ନାହିଁ । କିନ୍ତୁ ସାଧାରଣ ବିଲ୍‌କୁ ପୁନର୍ବିଚାର ପାଇଁ ଫେରାଇ ଦେଇପାରିବେ କିମ୍ବା ଯେ କୌଣସି ବିଲ୍‌କୁ ରାଷ୍ଟ୍ରପତିଙ୍କ ବିଚାରପାଇଁ ସଂରକ୍ଷିତ ରଖିପାରିବେ ।

(ଖ) **କାର୍ଯ୍ୟନିର୍ବାହୀ ଉପରେ ନିୟନ୍ତ୍ରଣ:** ରାଜ୍ୟ ବ୍ୟବସ୍ଥାପକ ସଭା କାର୍ଯ୍ୟନିର୍ବାହୀକୁ ନିୟନ୍ତ୍ରଣ କରେ। ରାଜ୍ୟ ମନ୍ତ୍ରୀ ପରିଷଦ ସାମୂହିକଭାବରେ ବିଧାନସଭା ନିକଟରେ ଉତ୍ତର ଦାୟୀ। ଯେ ପର୍ଯ୍ୟନ୍ତ ଏହା ଗୃହର ବିଶ୍ୱାସଭାଜନ ହୋଇଥାଏ, ସେ ପର୍ଯ୍ୟନ୍ତ ପଦବୀରେ ରହେ। ଯଦି ବିଧାନସଭା ତାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଗ୍ରହଣକରେ ତେବେ ମନ୍ତ୍ରୀ ପରିଷଦ ପଦଚ୍ୟୁତ ହୁଏ। ମୋଟ ଉପରେ ରାଜ୍ୟ ବ୍ୟବସ୍ଥାପକ ସଭା ପ୍ରଶ୍ନ ଓ ଅତିରିକ୍ତ ପ୍ରଶ୍ନ ପଚାରି, ମୁଲତବୀ ପ୍ରସ୍ତାବ ଆଗତ କରି ଓ ଧ୍ୟାନ ଆକର୍ଷଣ କାରୀ ନୋଟିସ୍ ଦେଇ ସରକାରକୁ ନିୟନ୍ତ୍ରଣ କରେ ।

(ଗ) **ନିର୍ବାଚନ କାର୍ଯ୍ୟ:** ରାଜ୍ୟ ବିଧାନସଭାର ସଦସ୍ୟମାନେ ଭାରତର ରାଷ୍ଟ୍ରପତି ନିର୍ବାଚନ ପାଇଁ ଗଠିତ ନିର୍ବାଚକ ମଣ୍ଡଳିର ସଦସ୍ୟ। ବିଧାନସଭାର ସଦସ୍ୟମାନେ ନିଜରାଜ୍ୟର ରାଜ୍ୟସଭା ସଦସ୍ୟଙ୍କୁ ନିର୍ବାଚିତ କରନ୍ତି। ସେମାନେ ନିଜରାଜ୍ୟ ବିଧାନ ପରିଷଦର ଏକ ତୃତୀୟାଂଶ ସଦସ୍ୟଙ୍କୁ ନିର୍ବାଚିତ କରନ୍ତି।

(ଘ) **ସମ୍ବିଧାନ ସଂଶୋଧନ କ୍ଷମତା:** ସମ୍ବିଧାନ ସଂଶୋଧନ କ୍ଷେତ୍ରରେ ରାଜ୍ୟ ବ୍ୟବସ୍ଥାପକ ସଭା ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରେ। ସମ୍ବିଧାନ ସଂଶୋଧନ ସଂସଦର ଉଭୟ ଗୃହର ସ୍ୱତନ୍ତ୍ର ସଂଖ୍ୟାଗରିଷ୍ଠ ସମର୍ଥନ ଏବଂ ଅର୍ଦ୍ଧେକ ରାଜ୍ୟ ବ୍ୟବସ୍ଥାପକ ସଭାର ସମର୍ଥନ ଆବଶ୍ୟକ କରେ। ଅର୍ଥାତ୍ ଅର୍ଦ୍ଧେକ ରାଜ୍ୟର ବ୍ୟବସ୍ଥାପକ ସଭା ଏହି ସଂଶୋଧନକୁ ସ୍ୱୀକୃତି ପ୍ରଦାନ କରେ।

## ୧୯.୪ ନାଗରିକ ଓ ସେମାନଙ୍କର ନିତିଦିନିଆ ଜୀବନରେ ରାଜ୍ୟ ସରକାରର ପ୍ରଭାବ

ରାଜ୍ୟସରକାରଙ୍କ ନୀତି ଓ କାର୍ଯ୍ୟକ୍ରମ ଯାହାକି ରାଜ୍ୟ ବ୍ୟବସ୍ଥାପକ ସଭାରେ ବାରମ୍ବାର ଆଲୋଚିତ ହୁଏ। ତାହା ଆମର ନିତିଦିନିଆ ଜୀବନକୁ କିପରି ପ୍ରଭାବିତ କରେ ? ସବୁରାଜ୍ୟ ଅନେକଗୁଡ଼ିଏ ପଦ୍ଧତି ଓ ଯୋଜନା କାର୍ଯ୍ୟକାରୀ କରନ୍ତି, ଯାହାକି ଆମକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରଭାବିତ କରିଥାଏ। ବିଭିନ୍ନ ରାଜ୍ୟ ସରକାର ଅନେକ ଜନମଙ୍ଗଳକାରୀ ଯୋଜନା କାର୍ଯ୍ୟକାରି କରିଥାନ୍ତି। ବିଭିନ୍ନ ସମୟରେ ରାଜ୍ୟଗୁଡ଼ିକ କେନ୍ଦ୍ର ସରକାରଙ୍କର ଜନମଙ୍ଗଳକର ଯୋଜନା ମାନ ଗ୍ରହଣ କରି ତାକୁ କାର୍ଯ୍ୟକାରୀ କରନ୍ତି।

ଉଦାହରଣ ସ୍ୱରୂପ ଆନ୍ଧ୍ରପ୍ରଦେଶ ଓ ରାଜସ୍ଥାନର ସ୍କୁଲ ଶିକ୍ଷା ବାହାରେ ଥିବା ପିଲାମାନଙ୍କୁ ଆବାସିକ ଶିକ୍ଷା (**Residential Bridge Course**) ମାଧ୍ୟମରେ ଶିକ୍ଷାଦେବା ପାଇଁ ଏକ ନୂତନ ଉଦ୍ୟମ କରାଯାଇଛି। ଏଥିରେ ମାନସିକ ଦୁର୍ବଳ ଶ୍ରବଣ ଓ ଦୃଷ୍ଟିଶକ୍ତି ହରାଇଥିବା ଓ ଶାରୀରିକ ଅକ୍ଷମ ପିଲମାନଙ୍କୁ ଅର୍ନ୍ତଭୁକ୍ତ କରାଯାଇଛି। ଏହି ଚେଷ୍ଟା ପିଲାମାନଙ୍କୁ ବିଦ୍ୟାଳୟ ଶିକ୍ଷାର ମୁଖ୍ୟ ସ୍ରୋତରେ ଯୋଗ ଦେବାପାଇଁ ସକ୍ଷମ କରିପାରିଛି। ଗ୍ରହଣ କରାଯାଇଥିବା ଏହି ଶିକ୍ଷା ବ୍ୟବସ୍ଥାରେ ଖେଳ ମାଧ୍ୟମରେ ଶିକ୍ଷା, କମ୍ପ୍ୟୁଟର ବ୍ୟବହାର ମାଧ୍ୟମରେ ଶିକ୍ଷା ପଦ୍ଧତିକୁ ଅର୍ନ୍ତଭୁକ୍ତ କରାଯାଇଛି । କେନ୍ଦ୍ରର ମାଧ୍ୟାହ୍ନ ଭୋଜନର ଅଂଶଭାବରେ ଉତ୍ତର ପ୍ରଦେଶରେ ଗରମ ରନ୍ଧା ଖାଦ୍ୟ ୯୫,୦୦୦ରୁ ଅଧିକ ପ୍ରାଥମିକ ବିଦ୍ୟାଳୟ ପିଲମାନଙ୍କୁ ଯୋଗାଇ ଦିଆଯାଉଛି। ନିର୍ବାଚିତ ଗ୍ରାମ ମୁଖିଆ ଏହି ଯୋଜନା ବିଦ୍ୟାଳୟରେ କାର୍ଯ୍ୟକରୀ କରିବା ଦାୟିତ୍ୱରେ ଅଛନ୍ତି। ରାଜ୍ୟ ବିଭିନ୍ନ ପ୍ରକାରର ଖାଦ୍ୟ ଯଥା ଗହମ, ଚାଉଳ, ପରିବା, ସୋୟା, ଡ଼ାଲି ଆଦି ଯୋଗାଇ ଦେବାକୁ ଉଦ୍ୟମ କରୁଛି। ମହାରାଷ୍ଟ୍ର ଗୋଟିଏ ବିଦ୍ୟାଳୟ ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟ ଶିକ୍ଷା (**School Sanitations Hygience**) କାର୍ଯକ୍ରମ ପ୍ରଚଳନ କରୁଅଛି, ଯାହା

ମାଧ୍ୟମରେ ପିଲାମାନେ ପରିବର୍ତ୍ତନର ନେତୃତ୍ୱ ନେଉଛନ୍ତି। ପିଲାମାନେ ଯେଉଁମାନଙ୍କ "ସ୍ୱଚ୍ଛତାଦୂତ" (**Swachhata Doots**)କୁହାଯାଉଛି, ସେମାନେ ବିଦ୍ୟାଳୟ, ପରିବାର, ସମ୍ପ୍ରଦାୟ (**Community**)ରେ ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟର ରକ୍ଷା ସଚେତନତା ଆଣୁଛନ୍ତି। ମହାରାଷ୍ଟ୍ର ରାଜ୍ୟ ସରକାରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ କେନ୍ଦ୍ର ସରକାରର ସମ୍ପୂର୍ଣ୍ଣ ପରିମଳ ଅଭିଯାନ (**Total Sanitation Campaign**)ର ଅଂଶବିଶେଷ ଭାବେ କାର୍ଯ୍ୟକାରୀ କରାଯାଉଛି ।

ନାଗାଲାଣ୍ଡ ସରକାର ଲୋକମାନଙ୍କ ସହ ସରକାରୀ ପ୍ରତିଷ୍ଠାନ (ଶିକ୍ଷା, ସ୍ୱାସ୍ଥ୍ୟ , ବିଦ୍ୟୁତ ଆଦି)ଗୁଡ଼ିକର ପରିଚାଳନା ଓ ନିୟନ୍ତ୍ରଣରେ ଅଂଶଗ୍ରହଣ କରୁଛନ୍ତି ।

### ? ତୁମେ ଜାଣ କି

ନାଗାଲାଣ୍ଡରେ **"Communitisation of Public Institution and Services (Act No. 2) 2002", "Communitisation of Elemtary Education Institution and Services Rule 2002"** ଆଇନ ଏପ୍ରିଲ ୧୫ ତାରିଖ ୨୦୦୨ରେ ପାରିତହେଲା ପରେ ଶିକ୍ଷା ବିଭାଗ ପ୍ରାଇମେରୀ ଶିକ୍ଷାକୁ ସାମ୍ପ୍ରଦାୟିକ ଲୋକାଭିମୁଖୀ କରିବାକୁ କାର୍ଯ୍ୟ ଆରମ୍ଭ କଲା।

**"Communitisation"** ଶବ୍ଦଟି ନାଗାଲାଣ୍ଡର ମୁଖ୍ୟ ସଚିବଙ୍କ ଦ୍ୱାରା ନୂତନ ଭାବରେ ନାଗାଲାଣ୍ଡ ସରକାରରେ ୨୦୦୧ ବ୍ୟବହାର କରାଗଲା ଯାହା ସରକାରୀ ଅନୁଷ୍ଠାନର ପରିଚାଳନା ଓ ନିୟନ୍ତ୍ରଣ କ୍ଷେତ୍ରରେ ଜନସମ୍ପ୍ରଦାୟ ସହିତ ସରକାର ସହଯୋଗ କରିବାକୁ ବୁଝାଏ ।

ବିଶେଷ ଭାବରେ ନାଗା ସମ୍ପ୍ରଦାୟର ପ୍ରଥା ଓ ଚିନ୍ତାଧାରା ସହ ସମ୍ପର୍କ ରଖି ପ୍ରାଥମିକ ଶିକ୍ଷାକୁ ଲୋକାଭିମୁଖୀ କରିବା। ନାଗା ସମ୍ପ୍ରଦାୟ ପାଇଁ ଶିକ୍ଷାର ସର୍ବଦା ପ୍ରାଥମିକତା ରହିଛି। ପ୍ରଥାନୁସାରେ "ମୋରଙ୍ଗ" ଅର୍ଥାତ୍ ଗ୍ରାମର ସଭାଗୃହ ଶିକ୍ଷାଦାନ ପାଇଁ ବ୍ୟବହାର କରାଯାଏ ଓ ସମୁଦାୟ ନାଗା ସମ୍ପ୍ରଦାୟ ଏଥିରେ ଆଗ୍ରହ ପ୍ରକାଶ କରନ୍ତି।
ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାକୁ ଜନସମ୍ପ୍ରଦାୟ ଅଭିମୁଖି କରାଇବା କାର୍ଯ୍ୟ ୨୦୦୨ରେ ଆରମ୍ଭ କଲେ ।

### ପାଠଗତ ପ୍ରଶ୍ନାବଳୀ -୧୯.୩

***ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ-***

(୧) ଦୁଇଟି ଗୃହ ବିଶିଷ୍ଟ ବ୍ୟବସ୍ଥାପକ ସଭାଥିବା ତନୋଟି ରାଜ୍ୟର ନାମ କ'ଣ ?

(୨) ଯଦି ଗୋଟିଏ ଆର୍ଥିକ ବିଲ୍ ବିଧାନସଭାରେ ପାରିତ ହୋଇ ବିଧାନ ପରିଷଦକୁ ପଠାଇଯାଇଥାଏ ଓ ୧୪ଦିନ ଭିତରେ ତାହା ନଫେରେ , ତେବେ ତାହା କ'ଣ ହେବ ?

(୩) ଗୋଟିଏ ସାଧାରଣ ବିଲ୍‌କୁ ପାରିତ କରିବା ପାଇଁ ବିଧାନପରିଷଦକୁ କେତେ ସମୟ ଦିଆଯାଏ ?

(୪) କେଉଁ ଦୁଇଟି ମୁଖ୍ୟ ଦିଗ ମାଧ୍ୟମରେ ବିଧାନସଭା ରାଜ୍ୟ ମନ୍ତ୍ରୀ ପରିଷଦକୁ ନିୟନ୍ତ୍ରଣ କରେ ?

(୫) ରାଜ୍ୟ ବିଧାନସଭାର ଦୁଇଟି ନିର୍ବାଚନ କାର୍ଯ୍ୟ କ'ଣ ?

## ୧୯.୫ ଉଚ୍ଚନ୍ୟାୟାଳୟ ଓ ଅଧସ୍ତନ ନ୍ୟାୟାଳୟ

ତୁମେ ନିଶ୍ଚିତ ଭାବରେ ତୁମରାଜ୍ୟର ଉଚ୍ଚନ୍ୟାୟାଳୟ ବିଷୟ ଶୁଣିଥିବ । ସମ୍ବିଧାନ ଅନୁସାରେ ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଉଚ୍ଚ ନ୍ୟାୟାଳୟ ରହିଛି। ଗୋଟିଏ ଉଚ୍ଚନ୍ୟାୟାଳୟର କ୍ଷେତ୍ରାଧିକାର

ମଧ୍ୟରେ ଏକାଧିକ ରାଜ୍ୟ ଥାଇପାରେ। ଉଦାହରଣ ସ୍ୱରୂପ ଗୌହାଟୀ ଉଚ୍ଚନ୍ୟାୟାଳୟ ଆସାମ, ମେଘାଳୟ, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ମିଜୋରାମ, ମଣିପୁର ଓ ତ୍ରିପୁରା ଆଦି ରାଜ୍ୟମାନଙ୍କ ପାଇଁ ସାଧାରଣ ଉଚ୍ଚନ୍ୟାୟାଳୟ ରୂପେ କାର୍ଯ୍ୟ କରିଥାଏ। କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକ ପ୍ରାୟତଃ ପଡ଼ୋଶୀ ରାଜ୍ୟର ଉଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାର ମଧ୍ୟରେ ଆସିଥାଏ।



ଚିତ୍ର ୧୯.୩ ଉଚ୍ଚନ୍ୟାୟାଳୟ - ଗୌହାଟୀ

## ୧୯.୫.୧ ଉଚ୍ଚନ୍ୟାୟାଳୟର ଗଠନ

ପ୍ରତ୍ୟେକ ଉଚ୍ଚନ୍ୟାୟାଳୟରେ ଜଣେ ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତି ରୁହନ୍ତି। ପ୍ରତ୍ୟେକ ଉଚ୍ଚନ୍ୟାୟାଳୟର ବିଚାରପତି ସଂଖ୍ୟା ରାଷ୍ଟ୍ରପତିଙ୍କ ଦ୍ୱାରା ସମୟକୁ ସମୟ ନିର୍ଦ୍ଧାରିତ ହୋଇଥାଏ। ସବୁ ଉଚ୍ଚନ୍ୟାୟାଳୟର ବିଚାରପତି ସଂଖ୍ୟା ସମାନ ନୁହେଁ। ଉଚ୍ଚନ୍ୟାୟାଳୟର ପ୍ରଧାନ ବିଚାରପତି ଓ ବିଚାର ପତିମାନେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି। ଉଚ୍ଚନ୍ୟାୟାଳୟର ମୁଖ୍ୟବିଚାରପତି ନିଯୁକ୍ତି କଲାବେଳେ ରାଷ୍ଟ୍ରପତି ଉଚ୍ଚତମ ନ୍ୟାୟାଳୟ ମୁଖ୍ୟ ବିଚାରପତିଙ୍କର ପରାମର୍ଶ ନିଅନ୍ତି। ଅନ୍ୟାନ ବିଚାରପତି ନିଯୁକ୍ତି ସମୟରେ ରାଷ୍ଟ୍ରପତି ସଂପୃକ୍ତ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କର ପରାମର୍ଶ ନିଅନ୍ତି। ଉଚ୍ଚନ୍ୟାୟାଳୟ ବିଚାରପତି ନିଯୁକ୍ତି ସମୟରେ ସଂପୃକ୍ତ ରାଜ୍ୟର ରାଜ୍ୟପାଳଙ୍କ ପରାମର୍ଶ ନିଆଯାଏ। ଭାରତର ମୁଖ୍ୟ ବିଚାରପତିଙ୍କ ପରାମର୍ଶକ୍ରମେ ରାଷ୍ଟ୍ରପତି ଗୋଟିଏ ଉଚ୍ଚନ୍ୟାୟାଳୟର ବିଚାର ପତିଙ୍କୁ ଅନ୍ୟ ଉଚ୍ଚନ୍ୟାୟାଳୟକୁ ସ୍ଥାନାନ୍ତର କରିପାରନ୍ତି। ଉଚ୍ଚନ୍ୟାୟାଳୟର ବିଚାରପତି ଭାବରେ ନିଯୁକ୍ତି ପାଇବା ପାଇଁ ଜଣେ ବ୍ୟକ୍ତିର ନିମ୍ନଲିଖିତ ଯୋଗ୍ୟତା ରହିବା ଆବଶ୍ୟକ।

- ସେ ଭାରତର ନାଗରିକ ହୋଇଥିବେ।
- ଅତିକମ୍‌ରେ ୧୦ ବର୍ଷ ଧରି ଭାରତରେ ଏକ ନ୍ୟାୟିକ ପଦବୀରେ ରହିଥିବେ।
- ଅତିକମ୍‌ରେ ୧୦ବର୍ଷ କାଳ ନିରବଚ୍ଛିନ୍ନଭାବରେ ଏକ ବା ଏକାଧିକ ଉଚ୍ଚନ୍ୟାୟାଳୟରେ ଓକିଲାତି କରିଥିବେ।

ଉଚ୍ଚନ୍ୟାୟାଳୟର ବିଚାରପତି ୬୫ ବର୍ଷ ବୟସ ପର୍ଯ୍ୟନ୍ତ ନିଜ ପଦରେ ରହନ୍ତି । ଜଣେ ମୁଖ୍ୟ ବିଚାରପତି ବା ଅନ୍ୟ ବିଚାରପତି ଚାହିଁଲେ ଏହା ପୂର୍ବରୁ ପଦତ୍ୟାଗ କରିପାରନ୍ତି । ଅସଦାଚରଣ ବା ଅସାମର୍ଥ୍ୟ ପ୍ରମାଣିତ ହେଲେ ଜଣେ ବିଚାର ପରି ସଂସଦର ବହିଷ୍କାର (**Impeachment**)ପଦ୍ଧତି ଦ୍ୱାରା ନିଜ ପଦବୀରୁ ବହିଷ୍କୃତ ହୋଇଥାନ୍ତି । ମଖ୍ୟ ବିଚାରପତିମାନେ ସଂସଦ ଦ୍ୱାରା ସ୍ଥିରୀକୃତ ହେଉଥିବା ଦରମା, ଭତ୍ତା ଓ ଅନ୍ୟାନ ସୁବିଧା ପାଆନ୍ତି । ଅବସର ପରେ ସେମାନେ ଓକିଲ ଭାବରେ ଉଚ୍ଚତ୍ତମ ନ୍ୟାୟାଳୟ କିମ୍ବା ଅନ୍ୟ କୌଣସି ଉଚ୍ଚନ୍ୟାୟାଳୟରେ କାର୍ଯ୍ୟ କରି ପାରିବେ । କିନ୍ତୁ ଯେଉଁ ଉଚ୍ଚନ୍ୟାୟାଳୟରେ ସେମାନେ ବିଚାର ପତିବରେ କାର୍ଯ୍ୟ କରଥିବେ, ସେଠାରେ ଓକିଲାତି କରିପାରିବ ନାହିଁ ।

## ୧୯. ୫.୨ ଉଚ୍ଚନ୍ୟାୟାଳୟର କ୍ଷେତ୍ରାଧିକାର

ଉଚ୍ଚନ୍ୟାୟାଳୟର କ୍ଷେତ୍ରାଧିକାର ସଂପୃକ୍ତ ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ଅଞ୍ଚଳର ସୀମା ପର୍ଯ୍ୟନ୍ତ ବିସ୍ତୃତ । ଗୋଟିଏ ଉଚ୍ଚନ୍ୟାୟାଳୟର ମୌଳିକ ଓ ଅପିଲ ଗ୍ରହଣ କାରୀ ଅଧିକାର ରହିଛି । ମୌଳିକ ଅଧିକାର ଅଧିନରେ କେତେକ ପ୍ରକାରର ମାମଲା ଉଚ୍ଚନ୍ୟାୟଳକୁ ସିଧାସଳଖ ଭାବରେ ଅଣାଯାଇ ପାରେ ।

ଗୋଟିଏ ଉଚ୍ଚନ୍ୟାୟାଳୟ ତାର ମୌଳିକ କ୍ଷେତ୍ରାଧିକାରକୁ ମୌଳିକ ଅଧିକାର (**Fundamental Rights**)ଏବଂ ଅନ୍ୟାନ୍ୟ ନ୍ୟାୟିକ ଅଧିକାରର ପ୍ରବର୍ତ୍ତନ ପାଇଁ ପ୍ରୟୋଗ କରପାରିବ । ଏହି ପ୍ରସଙ୍ଗରେ ଲିଖିତ ନିର୍ଦ୍ଦେଶନାମା (**Writ**) ଜାରୀ କରିବାର କ୍ଷମତା ଉଚ୍ଚନ୍ୟାୟାଳୟର ରହିଛି । ଯଦି କୌଣସି ବ୍ୟକ୍ତିର ଅଧିକାର ବ୍ୟବସ୍ଥାପକ, କାର୍ଯ୍ୟନିର୍ବାହୀ ବା ଅନ୍ୟକୌଣସି ଅଧିକାରୀଙ୍କ ଦ୍ୱାରା ଅପହରଣ କରାଯାଉଥାଏ, ତେବେ ଏଦି ଲିଖିତ ନିର୍ଦ୍ଦେଶନାମା (**Writ**) ଦ୍ୱାରା ସେହି ଅଧିକାରର ସୁରକ୍ଷା ପ୍ରଦାନ କରାଯାଇ ପାରିବ । ଗୋଟିଏ ଉଚ୍ଚନ୍ୟାୟାଳୟ ମଧ ନିଜର ମୌଳିକ କ୍ଷେତ୍ରଧିକାର ଅଧୀନରେ ଜଣେ ବିଧାନସଭା ସଦସ୍ୟଙ୍କ ନିର୍ବାଚନକୁ ଆହ୍ୱାନ କରୁଥିବା ନିର୍ବାଚନ ଆବେଦନ ପତ୍ରକୁ ଶୁଣାଣି କରିପାରେ ।

### ତୁମେ ଜାଣ କି

ନିର୍ଦ୍ଦେଶନାମା (**Writ**) ଗୁଡ଼ିକ ହେଉଛି ଉଚ୍ଚତମନ୍ୟାୟାଳୟ ବା ଉଚ୍ଚନ୍ୟାୟାଳୟ ଦ୍ୱାରା ଜାରୀ କରାଯାଉଥିବା ନିର୍ଦ୍ଦେଶ ବା ଆଦେଶ ଯାହାଦ୍ୱାରା ମୌଳିକ ଅଧିକାର (**Fundamental Rights**) ପ୍ରବର୍ତ୍ତନ କରାଯାଏ । ଏହି ନ୍ୟାୟାଳୟଗୁଡ଼ିକ ଏହି ଅଧିକାରଗୁଡ଼ିକର ସୁରକ୍ଷାଦାତା (**Guarantors**)।

ଅପିଲ କ୍ଷେତ୍ରାଧିକାର ଅଧିନରେ ଉଚ୍ଚନ୍ୟାୟାଳୟ ଜିଲାସ୍ତରରେ ଥିବା ଅଧସ୍ତନ ନ୍ୟାୟାଳୟର ରାୟ (**Judgement**) ବିରୁଦ୍ଧରେ ଅପିଲ ଶୁଣାଣି କରିପାରେ । ଦେବାନୀ ମାମଲାଗୁଡ଼ିକରେ ଜିଲାବିଚାରପତିଙ୍କ ରାୟ ବିରୁଦ୍ଧରେ ଉଚ୍ଚନ୍ୟାୟାଳୟରେ ଅପିଲ କରାଯାଇପାରେ । ଫୌଜଦାରୀ ମାମଲାରେ ଦୌରାଜଜ୍ ନ୍ୟାୟାଳୟ ରାୟ ବିରୁଦ୍ଧରେ (ଯେଉଁଠାରେ ଜେଲଦଣ୍ଡ ୭ବର୍ଷରୁ ଅଧିକ ହୋଇଥାଏ) ଉଚ୍ଚନ୍ୟାୟାଳୟରେ ଅପିଲ କରାଯାଏ । ଅଧସ୍ତନ ବିଚାରାଳୟ ଦ୍ୱାରା ପ୍ରଦତ୍ତ ପ୍ରତ୍ୟେକ ମୃତ୍ୟୁଦଣ୍ଡ ଉଚ୍ଚନ୍ୟାୟାଳୟ ଦ୍ୱାରା ଅନୁମୋଦିଦ ହେବା ଆବଶ୍ୟକ । ଗୋଟିଏ ଉଚ୍ଚନ୍ୟାୟାଳୟ ତା'ର କ୍ଷେତ୍ରାଧିକାରରେ ଆସୁଥିବା ନ୍ୟାୟାଳୟ ଉପରେ ନିୟନ୍ତ୍ରଣ ଓ ତତ୍ତ୍ୱାବଧାନ (**Control & Superintendence**) କ୍ଷମତା ପ୍ରୟୋଗ କରେ । ଉଚ୍ଚନ୍ୟାୟାଳୟ ମଧ ନଥିପତ୍ର ଏକ ଦରବାର । ତେଣୁ ସମସ୍ତ ଅଧସ୍ତନ ବିଚାରାଳୟ ଉଚ୍ଚନ୍ୟାୟଳର ରାୟକୁ ଅନୁସରଣ କରନ୍ତି । ଉଚ୍ଚନ୍ୟାୟାଳୟ ମଧ ଅବମାନନା ଓ ଅସମ୍ମାନ ପାଇଁ ଦଣ୍ଡିତ ହୋଇପାରେ ।

## ୧୯.୫.୩. ଅଧସ୍ତନ ନ୍ୟାୟାଳୟ

ଜିଲା ଓ ସବ୍‌ଡ଼ିଭିଜନ ସ୍ତରରେ ଅଧସ୍ତନ ନ୍ୟାୟାଳୟ ମାନରହିଛି। ପ୍ରତ୍ୟେକ ଜିଲାରେ ଜିଲାଜଜ୍ ଓ ଦୌରାଜଜ୍ ଅଛନ୍ତି । ତାଙ୍କ ଅଧିନରେ ସ୍ତରସ୍ତର ହୋଇ ବିଚାର ବିଭାଗୀୟ ପଦାଧିକାରୀମାନେ ଅଛନ୍ତି। ଭାରତରେ ଅଧସ୍ତନ ନ୍ୟାୟଳୟ ଗୁଡ଼ିକର ଗଠନ ଓ କାର୍ଯ୍ୟ ପ୍ରିକ୍ରିୟା ଉଣା ଅଧିକେ ଦେଶସାରା ପ୍ରାୟ ଏକ ପ୍ରକାରର।

**ଅଧସ୍ତନ ନ୍ୟାୟାଳୟ**

- **ଦେଓ୍ୱାନୀ ନ୍ୟାୟାଳୟ**
- **ଫୌଜଦାରୀ ନ୍ୟାୟାଳୟ**
- **ରାଜସ୍ୱ ନ୍ୟାୟାଳୟ**

ଉପରବର୍ଣ୍ଣନାରୁ ଯାହା ଜଣାଯାଏ, ଏହି ଅଧସ୍ତନ ନ୍ୟାୟାଳୟଗୁଡ଼ିକ ଦେଓ୍ୱାନୀ, ଫୌଜଦାରୀ ଓ ରାଜସ୍ୱ ମକଦ୍ଦମାର ବିଚାର କରନ୍ତି ।

**ଦେଓ୍ୱାନୀ ମକଦ୍ଦମା-** ଦେଓ୍ୱାନୀ ନ୍ୟାୟାଳୟରେ ବିଚାର ପାଇଁ ଆଗତ ମକଦ୍ଦମା (ଅଭିଯୋଗ) ଗୁଡ଼ିକ ଦୁଇ ବା ତେତୋଧିକ ବ୍ୟକ୍ତିଙ୍କ ମଧ୍ୟରେ ସମ୍ପତ୍ତି ଅଧିକାର, ଚୁକ୍ତି ଖିଲାପ, ବିବାହ ଓ ବିଚ୍ଛେଦ, ଜମିମାଲିକ ଓ ଭାଗ ଚାଷୀଙ୍କ ମଧ୍ୟରେ ବିବାଦ ସମ୍ପର୍କିତ ବିବାଦ ଅନ୍ତର୍ଭୁକ୍ତ। ଏହି ସମସ୍ତ ମକଦ୍ଦମା ଦେଓ୍ୱାନୀ ନ୍ୟାୟାଳୟ ଦ୍ୱାରା ସମାଧାନ କରାଯାଏ । ଏହି ସବୁଦେଓ୍ୱାନୀ ମକଦ୍ଦମାରେ ନ୍ୟାୟାଳୟ କୌଣସି ପ୍ରକାର ଦଣ୍ଡ ପ୍ରଦାନ କରେ ନାହିଁ କାରଣ ଏହା ସହିତ କୌଣସି ଆଇନଭଙ୍ଗ ସଂପୃକ୍ତ ନୁହେଁ।

**ଫୌଜଦାରୀ ମକଦ୍ଦମା-**ଏହି ମକଦ୍ଦମା ଗୁଡ଼ିକ ଚୋରି, ଡ଼କାୟତି, ଶାରୀରିକ ଉତ୍ପୀଡ଼ନ, ପକେଟମାରୁ, ହତ୍ୟା ପ୍ରଭୃତି। ଏହି ମକଦ୍ଦମା ଗୁଡ଼ିକର ଅଭିଯୋଗ ଫୌଜଦାରୀ ନ୍ୟାୟାଳୟରେ ରାଜ୍ୟତରଫରୁ ପୋଲିସ ଦ୍ୱାରା ଦୋଷୀ ବିରୁଦ୍ଧରେ ଆଗତ କରାଯାଏ। ଏସବୁ ମକଦ୍ଦମାରେ ନ୍ୟାୟାଳୟ ଯଦି ଅଭିଯୁକ୍ତଙ୍କୁ ଦୋଷୀ ସାବସ୍ତ କରେ, ତାଙ୍କୁ ଦଣ୍ଡ ବିଧାନ କରାଯାଏ।

**ରାଜସ୍ୱ ଅଦାଲତ**- ବୋର୍ଡ଼ ଅଫ ରେଭିନ୍ୟୁ ରାଜ୍ୟସ୍ତରରେ ଅବସ୍ଥିତ। ତାଙ୍କ ଅଧିନରେ ସଚିବ, ଜିଲାପାଳ, ତହସିଲଦାର, ଆସିଷ୍ଟାଣ୍ଟ ତହସିଲଦାର ବିଚରାଳୟ ରହିଛି। ରେଭିନ୍ୟୁ ବୋର୍ଡ଼ ତା'ର ଅଧିନରେ ଥିବା ସମସ୍ତ ରାଜସ୍ୱ ବିଚରାଳୟ ବିରୁଦ୍ଧରେ ଅଭିଯୋଗର ସର୍ବଶେଷ ଅପିଲର ଶୁଣାଣି କରେ। ସବୁ ରାଜ୍ୟରେ ରେଭିନ୍ୟୁ ବୋର୍ଡ଼ ନାହିଁ । ଆନ୍ଧ୍ରପ୍ରଦେଶ, ଗୁଜୁରାଟ, ମହାରାଷ୍ଟ୍ରରେ ରାଜସ୍ୱ ଟ୍ରିବୁନାଲ ଅଛ। ହରିଆନା, ପଞ୍ଜାବ, ହିମାଚଳ ପ୍ରଦେଶ, ଜାମ୍ମୁ କାଶ୍ମୀରରେ ବୋର୍ଡ଼ ପରିବର୍ତ୍ତେ ଆର୍ଥିକ କମିଶନର ଅଛନ୍ତି।

## ପାଠଗତ ପ୍ରଶ୍ନାବଳୀ ୧୯.୪

**ଶୂନ୍ୟସ୍ଥାନ ପୂରଣ କର**

(କ) ଗୌହାଟୀ ଉଚ୍ଚନ୍ୟାୟାଳୟ ଉତ୍ତର ପୂର୍ବଭାରତରେ-------- ଟି ରାଜ୍ୟ ଗୁଡ଼ିକର ନ୍ୟାୟାଳୟ ଭାବରେ କାର୍ଯ୍ୟକରେ।

(ଖ) ଉଚ୍ଚନ୍ୟାୟାଳୟର ପ୍ରଧାନ ବିଚାରପତି--------- ଙ୍କ ଦ୍ୱାରା -------ଙ୍କ ପରାମର୍ଶରେ ନିଯୁକ୍ତି ପାଆନ୍ତି ।

(ଗ) ଉଚ୍ଚନ୍ୟାୟାଳୟର କ୍ଷେତ୍ରାଧିକାର ------ ଓ ------।

(ଘ) ତିନି ପ୍ରକାରର ଅଧସ୍ତନ ନ୍ୟାୟାଳୟ ରହିଛି ଯଥା (୧)------- (୨) ----------(୩)----------।

୨. ତୁମ ରାଜ୍ୟ ବା ଅନ୍ୟ କୌଣସି ରାଜ୍ୟର ଉଚ୍ଚନ୍ୟାୟାଳୟର ପ୍ରଧାନ ବିଚାର ପତି ଓ ଅନ୍ୟ ବିଚାରପତିଙ୍କ ନାମ ସଂଗ୍ରହକର। ସେହିମାନଙ୍କ ମଧ୍ୟରୁ କେତେଜଣ ମହିଳା ବିଚାରପତି ଅଛନ୍ତି ? ତୁମେ ଦେଖିବ, ତାଙ୍କ ସଂଖ୍ୟା ଖୁବ୍ କମ୍ ବା କେହି ନାହାଁନ୍ତି। ଏଭଳି ଅବସ୍ଥାର କାରଣ କ'ଣ ଦର୍ଶାଅ।

## ତୁମେ କ'ଣ ଶିଖିଲ ?

- ଭାରତ ଗୋଟିଏ ସଂଘୀୟ ବ୍ୟବସ୍ଥା। ସେଥିପାଇଁ ଏହାର ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ସରକାର ରହିଛି। ଉଭୟ ସ୍ତରରେ ସରକାର ଗଠନ କରାଯାଇଥାଏ ଓ ସେମାନଙ୍କର କାର୍ଯ୍ୟ ସଂସଦୀୟ ବ୍ୟବସ୍ଥାର ନୀତି ନିୟମ ଉପରେ ପର୍ଯ୍ୟବଶିତ ।
- ରାଜ୍ୟପାଳ ରାଜ୍ୟର ମୁଖ୍ୟ ଅଟନ୍ତି । ସେ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ପାଆନ୍ତି। ସମ୍ବିଧାନ ଅନୁସାରେ ତାଙ୍କର ବିସ୍ତୃତ କାର୍ଯ୍ୟନିର୍ବାହୀ, ଆଇନ ପ୍ରଣୟନ, ଆର୍ଥିକ ଓ ଇଚ୍ଛାଧିନ କ୍ଷମତା ରହିଛି। କିନ୍ତୁ ପ୍ରକୃତପକ୍ଷେ ଇଚ୍ଛାଧିନ କ୍ଷମତା ବ୍ୟତୀତ ଅନ୍ୟ ସମସ୍ତ କ୍ଷମତା ସେ ମନ୍ତ୍ରୀ ପରିଷଦର ପରାମର୍ଶରେ କାର୍ଯ୍ୟକାରୀ କରିଥାନ୍ତି ।
- ମୁଖ୍ୟ ମନ୍ତ୍ରୀଙ୍କ ନେତୃତ୍ୱାଧିନ ମନ୍ତ୍ରୀପରିଷଦ ହେଉଛି ପ୍ରକୃତ କାର୍ଯ୍ୟନିର୍ବାହୀ। ସେଥିପାଇଁ ଏହା କହିଲେ ସଠିକ୍ ହେବ ଯେ, ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରର ପ୍ରକୃତ ମୁଖ୍ୟ ଅଟନ୍ତି।
- ଭାରତର ଅଧିକାଂଶ ରାଜ୍ୟରେ ଏକଗୃହ ବିଶିଷ୍ଟ ବ୍ୟବସ୍ଥାପକ ସଭା ରହିଛି ଓ କେବଳ ଅଳ୍ପକେତେକ ରାଜ୍ୟରେ ଦୁଇଗୃହ ବିଶିଷ୍ଟ ବ୍ୟବସ୍ଥାପକ ରହିଛି। ରାଜ୍ୟ ବ୍ୟବସ୍ଥାପକ ସଭାର ଦୁଇଟି ଗୃହ ହେଉଛି, ବିଧାନସଭା ଓ ବିଧାନପରିଷଦ। ଯେଉଁ ରାଜ୍ୟରେ ଏକ ଗୃହ ବିଶିଷ୍ଟ ବ୍ୟବସ୍ଥାପକ ସଭା ଅଛି। ସେଠାରେ କେବଳ ବିଧାନସଭା ରହିଛି। ରାଜ୍ୟ ବ୍ୟବସ୍ଥାପକ ସଭାର ପ୍ରାଥମିକ କାର୍ଯ୍ୟ ହେଉଛି, ଆଇନ ତିଆରି କରିବା। ଏତଦ୍‌ବ୍ୟତୀତ ରାଜ୍ୟବିଧାନସଭା ମନ୍ତ୍ରୀପରିଷଦକୁ ନିୟନ୍ତ୍ରଣ କରେ ।
- ରାଜ୍ୟ ସ୍ତରର ବିଚାର ବିଭାଗରେ ଉଚ୍ଚନ୍ୟାୟାଳୟ ସର୍ବୋଚ୍ଚ ସ୍ଥାନରେ ରହିଛି । ଏହି ନ୍ୟାୟାଳୟର ମୌଳିକ ଓ ଅପିଲ କ୍ଷେତ୍ରାଧିକାର ରହିଛି। ଏହାଛଡ଼ା ଅଧସ୍ତନ ନ୍ୟାୟାଳୟ ଗୁଡ଼ିକ ରହିଛି, ଯାହାକି ଦେଓ୍ୱାନୀ, ଫୌଜଦାରୀ ଓ ରାଜସ୍ୱ ମକଦ୍ଦମା ଗୁଡ଼ିକ ଫଇସଲା କରନ୍ତି ।

## ଅନ୍ତିମ ପ୍ରଶ୍ନାବଳୀ

୧. ରାଜ୍ୟପାଳ କିପରି ନିଯୁକ୍ତି ପାଆନ୍ତି ? ରାଜ୍ୟପାଳଙ୍କର କ୍ଷମତା ଓ କାର୍ଯ୍ୟ କ'ଣ ?

୨. ରାଜ୍ୟ ମନ୍ତ୍ରୀପରିଷଦ କିପରି ଗଠିତ ହୁଏ ? ମୁଖ୍ୟମନ୍ତ୍ରୀଙ୍କର କ୍ଷମତା ଓ ସ୍ଥିତି ବର୍ଣ୍ଣନା କର ।

୩. ରାଜ୍ୟ ବ୍ୟବସ୍ଥାପକ ସଭାର ଗଠନ, କ୍ଷମତା ଓ କାର୍ଯ୍ୟ ବର୍ଣ୍ଣନା କର ।

୪. ରାଜ୍ୟ ଉଚ୍ଚନ୍ୟାୟାଳୟର କ୍ଷେତ୍ରାଧିକାର ବର୍ଣ୍ଣନାକର ।

୫. କେଉଁ ପ୍ରକାରର ମକଦ୍ଦମା ଅଧସ୍ତନ ନ୍ୟାୟାଳୟରେ ବିଚାର କରାଯାଏ ?

## ପାଠଗତ ପ୍ରଶ୍ନର ଉତ୍ତର

### ୧୯.୧

୧ (୧) (ଖ)
(୨) (ଘ)
(୩) (ଖ)

୨. (୧) ଭୁଲ୍
(୨) ଠିକ୍
(୩) ଠିକ୍
(୪) ଭୁଲ୍
(୫) ଠିକ୍

୩. ତୁମେ ଯାହା ବୁଝୁଛ ସେ ଅନୁସାରେ ଉତ୍ତର ଦିଅ। ତୁମେ ୧୯.୧.୨ (ଘ) ଭାଗର ସାହାଯ୍ୟ ନେଇପାର।

### ୧୯.୨.

୧ (୧) ଭୁଲ
(୨) ଠିକ୍
(୩) ଭୁଲ
(୪) ଭୁଲ
(୫) ଠିକ୍

୨. ତୁମେ ଯାହା ବୁଝୁଛ ସେ ଅନୁସାରେ ଭାରତୀୟ ଗଣତନ୍ତ୍ରରେ ରାଜ୍ୟପାଳଙ୍କର ଭୂମିକା କ'ଣ? ତୁମେ ଏ ସମ୍ପର୍କରେ ଆହୁରି ଅଧିକ ସୂଚନା ବୟସ୍କ ବ୍ୟକ୍ତି ଓ ଶିକ୍ଷକମାନଙ୍କଠାରୁ ଜାଣିପାରିବେ ।

### ୧୯.୩

**୧. (୧) ବିହାର, ଜାମୁକାଶ୍ମୀର, କର୍ଣ୍ଣାଟକ**
(୨) ବିଲ୍ ଉଭୟ ଗୃହରେ ପାରିତ ହେଲାବୋଲି ଧରିନିଆଯାଏ ।
(୩) ଏକ ମାସ
(୪) ପ୍ରଶ୍ନ ଓ ଅତିରିକ୍ତ ପ୍ରଶ୍ନ ପଚାରି, ମୁଲତବୀ ପ୍ରସ୍ତାବ ଆଗତ କରି, ଧ୍ୟାନ ଆକର୍ଷଣକାରୀ ନୋଟିସ ଓ ଅନାସ୍ଥା ପ୍ରସ୍ତାବ ପାରିତ କରି ଯାହାଦ୍ୱାରା କି ମନ୍ତ୍ରୀ ପରିଷଦ ପଦତ୍ୟାଗ କରେ।
(୫) ନିର୍ବାଚିତ ସଦସ୍ୟମାନଙ୍କୁ ନେଇ ନିର୍ବାଚନମଣ୍ଡଳି ଗଠିତ ହୁଏ ଓ ତାହା ଭାରତର ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରେ । ବିଧାନ ସଭାର ସଭ୍ୟମାନେ ନିଜରାଜ୍ୟର ରାଜ୍ୟସଭା ସଦସ୍ୟଙ୍କୁ ନିର୍ବାଚିତ କରନ୍ତି ।

### ୧୯.୪

**(୧) (କ) ସାତ**
(ଖ) ଭାରତର ରାଷ୍ଟ୍ରପତି, ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି ।
(ଗ) ମୌଳିକ ଓ ଅପିଲ
(ଘ) (୧) ଦେୱାନି ନ୍ୟାୟାଳୟ, (୨) ଫୌଜଦାରୀ ନ୍ୟାୟାଳୟ, (୩) ରାଜସ୍ୱ ନ୍ୟାୟାଳୟ

୨. ଆବଶ୍ୟକ ସୂଚନା ଯୋଗାଡ଼ କରି ପ୍ରଶ୍ନର ଉତ୍ତର ଦିଅ।